୨୬ତମ ପ୍ରତିଷ୍ଠା ଦିବସ ସମାରୋହ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବର କାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK ପର୍ଯ୍ୟବେକ୍ଷକ

Vol.26 . No.302 Bhubaneswar Wednesday January 15 2025 | ୨୬ତମ ବର୍ଷ ସଂଖ୍ୟା–୩୦୨ ଭୁବନେଶ୍ୱର, ବୁଧବାର, ଜାନୁଆରୀ ୧୫, ୨୦୨୫ (୮ ପୃଷ୍ଠା) ମୂଲ୍ୟ–୧.୫୦ ₹ 1.50 (Air Surcharge - 0.50P) Member-INS

## ବିଏସ୍କେୱାଇ ଦୁର୍ନୀତିର ତଦନ୍ତ ଖୁବଶୀଘ୍ର, ଡାକ୍ତରଖାନା ମନଇଛା ବିଲ୍ କରି ଲୋକଙ୍କୁ ଠକିଛନ୍ତି




ଭୁବନେଶ୍ୱର,୧୪।୧(ପି.ଏନ): ଆୟୁଷ୍ମାନ ଯୋଜନା ଓଡିଶାରେ ଲାଗୁ ହେବାକୁ ଥିବାବେଳେ ପୂର୍ବ ସରକାରକୁ ଜଣ ଜଣ କରି ସମସ୍ତେ ସମାଲୋଚ୍ନା କରିବା ଆରମ୍ଭ କରିଦେଇଛନ୍ତି । ପ୍ରଥମେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବିରୋଧୀ ନେତା ନବୀନ ପଟନାୟକଙ୍କୁ ସମାଲୋଚ୍ନା କରୁଥିବାବେଳେ ଏଥିରୁ ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଏବଂ ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚ୍ନ୍ଦନ ଏଥିରୁ ବାଦ୍ ପଡି ନାହାନ୍ତି । ଆଇନ ମନ୍ତ୍ରୀ କହିଛନ୍ତି, ଖୁବ୍‌ଶୀଘ୍ର ରାଜ୍ୟ ସରକାର ରାଜ୍ୟରେ ବିଏସ୍କେୱାଇ ଦୁର୍ନୀତିର ତଦନ୍ତ ଆରମ୍ଭ ହେବ । ଡାକ୍ତଖାନାଗୁଡିକ ମନଇଚ୍ଛା ବିଲ୍ କରି ରୋଗୀଙ୍କ ସମ୍ପର୍କୀୟଙ୍କୁ ଶୋଷଣ କରୁଥିବା କହିଛନ୍ତି ଆଇନ ମନ୍ତ୍ରୀ ।ଗତକାଲି ଓଡିଶାରେ ଆୟୁଷ୍ମାନ ଯୋଜନା ଏମଓୟୁ ସ୍ୱାକ୍ଷରିତ ହୋଇଯାଇଛି । ଖୁବ୍‌ଶୀଘ୍ର ଏହି କେନ୍ଦ୍ରୀୟ ଯୋଜନା ଦ୍ୱାରା ଲାଭବାନ ହେବେ ଓଡିଶାବାସୀ । ଉଭୟ ଗରିବ ଏବଂ ଧନୀକ ଶ୍ରେଣୀର ଲୋକ ଏହାଦ୍ୱାରା ଉପକୃତ ହେବେ । ମହିଳାଙ୍କୁ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଚ୍ିକିତ୍ସା ସହାୟତା ମିଳିବ ।


## ମକର ସଂକ୍ରାନ୍ତିରେ ଭୋକିଲା ରହିଲେ ଲିଙ୍ଗରାଜ





ଭୁବନେଶ୍ୱର,୧୪।୧(ପି.ଏନ): ଆଜି ମକର ସଂକ୍ରାନ୍ତି । ଓଡିଆ ମାନେ ଏହାକୁ ମକର ସଂକ୍ରାନ୍ତି ଭାବେ ପାଳନ କରୁଥିବା ବେଳେ ତେଲୁଗୁମାନେ ଏହାକୁ ପୋଙ୍ଗଲ ପର୍ବ ରୂପେ ପାଳନ କରୁଛନ୍ତି । ସେହିପରି ସାରା ଦେଶରେ ଉତ୍ସବ ମୁଖର ଦେଖିବାକୁ ମିଳିଛି । ଉତ୍ତର ପ୍ରଦେଶର ପ୍ରୟାଗରାଜରେ ମହାକୁମ୍ଭ ମେଳା ଜାରି ରହିଛି ।ଭୋକିଲା ରହିଲେ ଲିଙ୍ଗରାଜ: ଶ୍ରୀଲିଙ୍ଗରାଜଙ୍କ ମନ୍ଦିରରେ ବଡ ସେବାୟତ ଏବଂ ମହାସୁଆରଙ୍କ ମଧ୍ୟରେ ବିବାଦ ଉପୁଜିଛି । ଏଥିପାଇଁ ବିବାଦ ଯୋଗୁଁ ଗତକାଲି ରାତି ସାଢେ ୮ଟାରୁ ବନ୍ଦ ରହିଛି ଲିଙ୍ଗରାଜଙ୍କ ନୀତିକାନ୍ତି ।ବଡ ସେବାୟତ ବରମ୍ବାର ମନମୁଖୀ କାର୍ଯ୍ୟ କରୁଥିବାରୁ ଅଭିଯୋଗ ରହିଛି । ଆଜିର ମକର ସଂକ୍ରାନ୍ତିରେ ଉପବାସରେ ରହିଲେ ପ୍ରଭୁ ଲିଙ୍ଗରାଜ । ଶ୍ରଦ୍ଧାଳୁମାନେ ବି ପ୍ରଭୁଙ୍କ ଦର୍ଶନ ପାଇଁ ବାହାରେ ଅପେକ୍ଷା କଲେ ।

## ଆଉ ଭାଇରାଲ ହେବନି ଦଶମ ପ୍ରଶ୍ନପତ୍ର ! ନମ୍ବରିଂ ସହ ପ୍ରଶ୍ନପତ୍ରରେ ଲାଗିବ ୱାଟର ମାର୍କ



ଭୁବନେଶ୍ୱର,୧୪।୧(ପି.ଏନ): ପ୍ରଶ୍ନପତ୍ର ଭାଇରାଲକୁ ରୋକିବାକୁ ବୋର୍ଡର ଭିନ୍ନ ପଦକ୍ଷେପ । ମାଟ୍ରିକ ପ୍ରଶ୍ନପତ୍ରରେ ଏଣିକି ଲାଗିବ ବାର୍ କୋଡ୍ ।ଦଶମ ପ୍ରଶ୍ନପତ୍ର ଭାଇରାଲ ରୋକିବାକୁ ବୋର୍ଡ ପକ୍ଷରୁ ଏଭଳି ପଦକ୍ଷେପ ନିଆଯାଇଥିବା କୁହାଯାଇଛି ।

ବାର୍ କୋର୍ଡ ସହିତ ସିକ୍ୟୁରିଟି କୋର୍ଡ– ଦଶମ ଶ୍ରେଣୀ ପରୀକ୍ଷା ପ୍ରଶ୍ନପତ୍ରରେ ନମ୍ବରିଂ କରାଯିବ । ତେବେ ନମ୍ବରିଂ ସହିତ ପ୍ରଶ୍ନପତ୍ରରେ ୱାଟରମାର୍କ ମଧ୍ୟ ଲାଗିବ । ଅନ୍ୟପଟେ ବାର୍ କୋର୍ଡ ସହିତ ସିକ୍ୟୁରିଟି କୋର୍ଡ ମଧ୍ୟ ରହିବ । ତେବେ ଏହା ଦ୍ୱାରା ପ୍ରଶ୍ନପତ୍ର କେଉଁଠାରୁ ଭାଇରାଲ ହୋଇଛି ତାହା ଜଣାପଡିବ । ଏନେଇ ବୋର୍ଡ କାର୍ଯ୍ୟାଳୟ ଠାରୁ ସୂଚ୍ନା ଦିଆଯାଇଛି ।

## ମହାକୁମ୍ଭ: ପ୍ରଥମ ଅମୃତ ସ୍ନାନରେ ଅସମ୍ଭାଳ ଭିଡ଼, ୩.୫୦ କୋଟିରୁ ଉର୍ଦ୍ଧ ଶ୍ରଦ୍ଧାଳୁ ପକାଇଲେ ବୁଡ଼

ନୂଆଦିଲ୍ଲୀ,୧୪।୧(ପି.ଏନ): ପ୍ରୟାଜରଜ ମହାକୁମ୍ଭ ୨୦୨୫ ରେ ମକର ସଂକ୍ରାନ୍ତି ଅବସରରେ ପ୍ରଥମ ଅମୃତ ସ୍ନାନ ପର୍ବ ଉପଲକ୍ଷେ ତ୍ରିବେଣୀ ଘାଟରେ ସ୍ନାନ ପାଇଁ ଭକ୍ତଙ୍କ ସୁଅ ଛୁଟିଛି । କୁହାଯାଉଛି ଯେ, ପ୍ରଥମ ଅମୃତ ସ୍ନାନ ପର୍ବରେ ୩.୫୦ କୋଟିରୁ ଅଧିକ ସନ୍ଥ ଏବଂ ଶ୍ରଦ୍ଧାଳୁ ସଂଘମରେ ଆସ୍ଥାର ବୁଡ଼ ପକାଇଛନ୍ତି । ଏହି ସୂଚ୍ନା ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଦେଇଛନ୍ତି ।ଆଦିତ୍ୟନାଥ ଏକ ପୋଷ୍ଟରେ ଲେଖିଛନ୍ତି, "ବିଶ୍ୱାସ, ସମାନତା ଏବଂ ଏକତାର ମହାସଂଗମରେ ପବିତ୍ର 'ମକର ସଂକ୍ରାନ୍ତି'ର ପବିତ୍ର ଅବସରରେ ପବିତ୍ର ସଂଗମରେ ବିଶ୍ୱାସର ପବିତ୍ର ବୁଡ଼ ପକାଇଥିବା ସମସ୍ତ ପୂଜ୍ୟ ସନ୍ଥ, କଳ୍ପବାସୀ ଏବଂ ଭକ୍ତମାନଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ।" 'ମହାକୁମ୍ଭ-୨୦୨୫, ପ୍ରୟାଗରାଜ' !ଆଜି, ପ୍ରଥମ ଅମୃତ ସ୍ନାନ ଉତ୍ସବରେ, ୩.୫୦ କୋଟିରୁ ଅଧିକ ପୂଜ୍ୟ ସନ୍ଥ/ଭକ୍ତ ନିରବଚ୍ଛିନ୍ନ-ସ୍ୱଚ୍ଛ ତ୍ରିବେଣୀରେ ସ୍ନାନର ପବିତ୍ର ଲାଭ ଅର୍ଜନ କରିଛନ୍ତି ।ପ୍ରଥମ ଅମୃତ ସ୍ନାନ ଉତ୍ସବର ସଫଳ ସମାପ୍ତି ପାଇଁ, ସନାତନ ଧର୍ମ ଆଧାରରେ ସମସ୍ତ ପୂଜ୍ୟ ଆଖଡ଼ା, ମହା କୁମ୍ଭମେଳା ପ୍ରଶାସନ, ସ୍ଥାନୀୟ ପ୍ରଶାସନ, ପୋଲିସ ପ୍ରଶାସନ, ପରିମଳ କର୍ମୀ, ସ୍ୱେଚ୍ଛାସେବୀ ସଂଗଠନ ଏବଂ ଧାର୍ମିକ ଅନୁଷ୍ଠାନ, ନାବିକ ଏବଂ ସମସ୍ତ ବିଭାଗକୁ ହୃଦୟର ସହିତ ଧନ୍ୟବାଦ । ମହାକୁମ୍ଭ ସହିତ ଜଡିତ କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ ରାଜ୍ୟବାସୀଙ୍କୁ ଧନ୍ୟବାଦ ଏବଂ ଅଭିନନ୍ଦନ !

## ଖଣ୍ଡଗିରି ଯାତ୍ରାକୁ ନେଇ ଲାଗିଲା କଡ଼ା କଟକଣା: ହେବନି ଅଶ୍ଳୀଳ ନୃତ୍ୟ




ଭୁବନେଶ୍ୱର,୧୪।୧(ପି.ଏନ): ଖଣ୍ଡଗିରି ଯାତ୍ରାକୁ ନେଇ ଲାଗିଲା କଡ଼ା କଟକଣା । ଏଥର ଅପେରାରେ ହେବନି ଅଶ୍ଳୀଳ ନୃତ୍ୟ । ଯାତ୍ରା କମିଟି ଓ ପୋଲିସ ମଧ୍ୟରେ ଆଲୋଚ୍ନା ପରେ ନିଷ୍ପତି ।ଆରମ୍ଭ ହେବାକୁ ଯାଉଛି ଭୁବନେଶ୍ୱରର ପ୍ରସିଦ୍ଧ ଖଣ୍ଡଗିରି କୁମ୍ଭମେଳା । ଚ୍ଳିତ ବର୍ଷ ଆସିବେ ୧୨ଟି ଅପେରା ପାର୍ଟି । କିନ୍ତୁ ଏହି ମେଳା ପୂର୍ବରୁ ଯାତ୍ରାରେ ଆଇଟମ୍ ଡ୍ୟାନ୍ସ, ଡବଲ୍ ମିନିଙ୍ଗ୍ ଡାଇଲଗ୍ ଉପରେ କଟକଣା ଲାଗୁ କରାଯାଇଛି । ହେବନି ଅଙ୍ଗ ପ୍ରଦର୍ଶନ: ଏଥରର ଖଣ୍ଡଗିରି ଯାତ୍ରାରେ ସମସ୍ତ ପ୍ରକାର ଅଶ୍ଳୀଳ ପ୍ରଦର୍ଶନକୁ ବାରଣ କରାଯାଇଛି । ଅଶ୍ଳୀଳ ରଙ୍ଗଢଙ୍ଗରେ ନୃତ୍ୟ ପରିବେଷଣ କରାଗଲେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଚେତାବନୀ ଜାରି ହୋଇଛି ।ଅଶ୍ଳୀଳ ନୃତ୍ୟ ହେଲେ ଯାତ୍ରାକୁ ଅଧାରୁ ରୋକି ଦିଆଯିବ ବୋଲି କୁହାଯାଇଛି । କାହାର ଭାବନାକୁ ଆଘାତ ବରଦାସ୍ତ କରାଯିବ ନାହିଁ । ଯାତ୍ରା ପେଣ୍ଡାଲ ଉପରେ ସମ୍ପୂର୍ଣ୍ଣ ନଜର ରଖଯିବା ପାଇଁ ବ୍ୟବସ୍ଥା କରାଯାଉଛି । ଏଥିପାଇଁ ଯାତ୍ରା କମିଟି ଏବଂ ପୋଲିସ ମିଳିତ ଭାବରେ ନଜର ରଖିବା ପାଇଁ ନିର୍ଦ୍ଦେଶ ଜାରି ହୋଇଛି ।

## ବରଗଡ଼ ଧନୁଯାତ୍ରାରୁ ନିଖୋଜ ଯୁବତୀ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଉଦ୍ଧାର

ବରଗଡ଼,୧୪।୧(ପି.ଏନ):ବିଶ୍ୱ ପ୍ରସିଦ୍ଧ ବରଗଡ଼ ଧନୁଯାତ୍ରା ଶେଷ ହୋଇଛି । ହେଲେ ଧନୁଯାତ୍ରାରେ ନିଖୋଜ ହୋଇଥିବା ଜଣେ ଯୁବତୀଙ୍କୁ ନେଇ ଏବେ ଚ୍ର୍ଚ୍ଚା । ନିଖୋଜ ଯୁବତୀଙ୍କୁ ୩୦ରୁ ୩୫ ଘଣ୍ଟା ପରେ ଉଦ୍ଧାର କରାଯାଇଛି । ହେଲେ ରକ୍ତାକ୍ତ ଅବସ୍ଥାରେ ।ସୂଚ୍ନାଯୋଗ୍ୟ, ଧନୁଯାତ୍ରା ଦେଖିବାକୁ ଆସିଥିବା ଯୁବତୀ ଜଣଙ୍କ ନିଖୋଜ ହୋଇଯାଇଥିଲେ । ପ୍ରାୟ ୩୫ ଘଣ୍ଟା ପରେ କୁର୍ଲା ଜଙ୍ଗଲରୁ ତାଙ୍କୁ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଉଦ୍ଧାର କରାଯାଇଛି । ଯୁବତୀଙ୍କ ମୁଣ୍ଡ ସହ ଶରୀରର ବିଭିନ୍ନ ସ୍ଥାନରେ ଗଭୀର କ୍ଷତ ରହିଛି । ମୁଣ୍ଡରେ ଆଘାତ ଲାଗିଥିବାରୁ ଯୁବତୀଙ୍କ ମାନସିକ ସ୍ଥିତି ଠିକ୍ ରହୁ ନଥିବା କହିଛନ୍ତି ସମ୍ପର୍କୀୟ । ଅପହରଣ ପରେ ତାଙ୍କୁ ଶାରୀରିକ ନିର୍ଯାତନା ଦିଆଯାଇଛି । ଯୁବତୀଙ୍କ ସ୍ୱାସ୍ଥ୍ୟାବସ୍ଥା ଯେମିତି ଅଛି ଏହା ଜଣଙ୍କର କାମ ନୁହେଁ ବୋଲି ସନ୍ଦେହ କରାଯାଉଛି । ଆଉ ସେହି ଦୃଷ୍ଟିରୁ ଯୁବତୀଙ୍କୁ ଗଣ ଦୁଷ୍କର୍ମ କରାଯାଇ ପାରିଥାଏ ବୋଲି ମଧ୍ୟ ସନ୍ଦେହ କରାଯାଉଛି । ନ୍ୟାୟ ପ୍ରଦାନ ଦାବିରେ ପ୍ରଶାସନ ନିକଟରେ ପରିବାର ଲୋକେ ଦାବି କରିଛନ୍ତି ।

## କାଲି କଳା ସାଆନ୍ତଙ୍କ ୫ ଘଣ୍ଟିଆ ଦର୍ଶନ ବନ୍ଦ, ବଡଦାଣ୍ଡରେ ଭକ୍ତଙ୍କ ପ୍ରବଳ ଭିଡ



ପୁରୀ,୧୪।୧(ପି.ଏନ): ଆସନ୍ତା କାଲି ୫ ଘଣ୍ଟା ଶ୍ରୀଜୀଉଙ୍କ ସାଧାରଣ ଦର୍ଶନ ବନ୍ଦ ରହିବ । ବନକ ଲାଗି ନୀତି ପାଇଁ ୫ କଳାସାଆନ୍ତଙ୍କ ଦର୍ଶନ ୫ ଘଣ୍ଟା ବନ୍ଦ ରହିବ । ସନ୍ଧ୍ୟା ୫ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ସାଧାରଣ ଦର୍ଶନ ବନ୍ଦ ରହିବ ।ମକର ସଂକ୍ରାନ୍ତିରେ ଗଜନ୍ନାଥ ମନ୍ଦିରରେ ପ୍ରବଳ ଭିଡ ଦେଖିବାକୁ ମିଳିଥିଲା । ବଡ ଦାଣ୍ଡରୁ ମନ୍ଦିର ମଧ୍ୟକୁ ଭକ୍ତଙ୍କ ଭିଡ ଜମିଥିଲା ।ମରକର ସଂକ୍ରାନ୍ତି ଉପଲକ୍ଷେ ଶ୍ରୀଜୀଉଙ୍କ ମକରଚ୍ଉରାଶି ବେଶ କରାଯାଏ । ଏ ବେଶରେ ମହାବାହୁଙ୍କୁ ଦର୍ଶନ କରିବା ପାଇଁ ଦୂରଦୂରାନ୍ତରୁ ଭକ୍ତଙ୍କ ସମାଗମ ହୋଇଛି ଶ୍ରୀକ୍ଷେତ୍ରକୁ । ଅନ୍ୟପକ୍ଷେ ବିଶ୍ୱ ପ୍ରସିଦ୍ଧ ବରଗଡ ଧନୁଯାତ୍ରର କଂସ ଆଜି ମୋହଦ୍ଧରେ ସ୍ନାନ କରିବେ । ଚ୍ଳିତବର୍ଷ ଭୁବନେଶ୍ୱର ପ୍ରଧାନ କଂସ ଚ୍ରିତ୍ରରେ ଅଭିନୟ କରିଥିଲେ ।

## ଜାନୁଆରୀ ୨୦ ତାରିଖରୁ ଶ୍ରୀମନ୍ଦିରରେ ଧାଡ଼ି ଦର୍ଶନ, ଜାଣନ୍ତୁ କିପରି ରହିବ ବ୍ୟବସ୍ଥା

ପୁରୀ,୧୪।୧(ପି.ଏନ): ଜାନୁଆରୀ ୨୦ ତାରିଖରୁ ଶ୍ରୀମନ୍ଦିରରେ ଆରମ୍ଭ ହେବ ଧାଡ଼ି ଦର୍ଶନ । ଧାଡ଼ି ଦର୍ଶନ ପାଇଁ ସମସ୍ତ ବ୍ୟବସ୍ଥା ସରିଥିବା କହିଛନ୍ତି ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚ୍ନ୍ଦନ । ଶୃଙ୍ଖଳିତ ଦର୍ଶନ ପାଇଁ ଧାଡ଼ି ଦର୍ଶନ ବ୍ୟବସ୍ଥା କରାଯିବ । ଆଉ ପରୀକ୍ଷାମୂଳକ ନୁହେଁ ଏଣିକି ସିଧାସଳଖ କାର୍ଯ୍ୟକାରୀ ହେବ ବୋଲି କହିଛନ୍ତି ମନ୍ତ୍ରୀ ।ମାର୍କେଟ ଛକ ଯାଏ ଧାଡି ହେବ । ଏହି ସମୟରେ ଶ୍ରଦ୍ଧାଳୁଙ୍କୁ ପିଇବା ପାଣି ଯୋଗାଇ ଦିଆଯିବ ।

## ଗୁଡ଼ିସୂତାରେ କଟି ୨ ଜଣ ଆହତ

କଟକ,୧୪।୧(ପି.ଏନ): ମକରରେ ଗୁଡ଼ିଉଡ଼ାକୁ ନେଇ ପୁଣି ଘଟିଛି ଅଘଟଣ । ଗୁଡ଼ିସୂତା ଲାଗି ଦୁଇଜଣଙ୍କ ବେକ ଓ ନାକ କଟିଛି । କଟକ ନୂଆ ବଜାର ରେଲୱେ ଓଭରବ୍ରିଜ ଉପରେ ଘଟିଛି ଏହି ଅଘଟଣ । ଏହି ଓଭରବ୍ରିଜ୍‌ରେ ବାଇକ୍‌ରେ ଯାଉଥିବା ବେଳେ ପ୍ଲାଷ୍ଟିକ ଚ୍ାଇନା ଗୁଡ଼ିସୂତା ଦୁଇ ବାଇକ ଆରୋହୀଙ୍କ ବେକରେ ଲାଗିଥିଲା । ଜଣଙ୍କ ନାକ କଟିଥିବା ବେଳେ ଆଉ ଜଣଙ୍କ ଆଙ୍ଗୁଠି ଓ ବେକ କଟିଛି । ଆହତଙ୍କ ମଧ୍ୟରୁ ଜଣଙ୍କ ଘର କଟକ ବୟାଳିଶମୌଜାର ଜୟନ୍ତ ବାରିକ(୩୬) । ତାଙ୍କର ବେକ ଓ ଆଙ୍ଗୁଳି କଟିଛି । ଅନ୍ୟଜଣେ ଆହତଙ୍କ ଘର ଜଗତସିଂହପୁର ଏରସମା ଅଞ୍ଚଳର ଗୋବିନ୍ଦ ଜେନା(୨୨) ବୋଲି ଜଣା ପଡ଼ିଛି । ଗୋବିନ୍ଦଙ୍କ ନାକରେ ଆଘାତ ଲାଗିଛି । ଗୋବିନ୍ଦଙ୍କୁ ୧୦୮ ଆମ୍ବୁଲାନ୍ସ ଯୋଗେ ନିଆଯାଇ ଏସସିବି ମେଡିକାଲରେ ଭର୍ତ୍ତି କରାଯାଇଛି । ଆହତ ଜୟନ୍ତଙ୍କୁ ପ୍ରାଥମିକ ଚ୍ିକିତ୍ସା ପରେ ଛାଡ଼ି ଦିଆଯାଇଛି । ଗତକାଲି ଅର୍ଥାତ୍ ? ସୋମବାର ମଧ ତ୍ରିଶୁଳିଆଠାରେ ଜଣଙ୍କ ବେକରେ ଗୁଡିସୂତା ଲାଗିବାରୁ ସେ ଆହତ ହୋଇଥିଲେ ।

## ଉଦୟଗିରି ଓ ରତ୍ନଗିରିରେ ଏକାଠି ହେଲେ ୧୭ ଦେଶର ୧୫୦୦ ବୌଦ୍ଧ ଧର୍ମାବଲମ୍ବୀ



ଭୁବନେଶ୍ୱର,୧୪।୧(ପି.ଏନ): ବିଶ୍ୱ ଶାନ୍ତି ପାଇଁ ଚ୍ାଲିଛି ପ୍ରାର୍ଥନା ଓ ମନ୍ତ୍ର ପାଠ । ବୌଦ୍ଧ ଧର୍ମାବଲମ୍ବୀ ଓ ସନ୍ନ୍ୟାସୀଙ୍କ ପ୍ରାର୍ଥନାରେ କମ୍ପୁଛି ବୌଦ୍ଧ ପର୍ଯ୍ୟଟନ ସ୍ଥଳୀ ଉଦୟଗିରି ଓ ରତ୍ନଗିରି । ସ୍ନେହ, ପ୍ରେମ ଶ୍ରଦ୍ଧାର ବାର୍ତ୍ତା ସହ ବିଶ୍ୱ ଶାନ୍ତି ପାଇଁ ବୁଦ୍ଧଙ୍କ ନିକଟରେ ଚ୍ାଲିଛି ପ୍ରାର୍ଥନା । ଗୌତମ ବୁଦ୍ଧଙ୍କ ପ୍ରତି ଆକୃଷ୍ଟ ହୋଇ ଏକାଠୀ ହେଲେ ୧୭ଟି ଦେଶର ପ୍ରାୟ ୧୫୦୦ ବୌଦ୍ଧ ଧର୍ମାବଲମ୍ବୀ ଓ ସନ୍ନ୍ୟାସୀ । ଓଡ଼ିଶାରେ ବୌଦ୍ଧଙ୍କ କୀର୍ତ୍ତିରାଜ, ଐତିହ୍ୟ ଦେଖି ସେମାନେ ବିମୋହିତ ହୋଇଛନ୍ତି । ଯାଜପୁର ଉଦୟଗିରି ଓ ରତ୍ନଗିରିଠାରେ ୧୨ ତାରିଖରୁ ଆରମ୍ଭ ହୋଇଛି ବୌଦ୍ଧ ସମ୍ମିଳନୀ । ଦ୍ୱିତୀୟ ବୁଦ୍ଧ ଭାବେ ଜଣାଶୁଣା ଗୁରୁ ପଦ୍ମସମ୍ଭବଙ୍କ ନାଁରେ ପ୍ରଥମଥର ପାଇଁ ବିଶ୍ୱ ବୌଦ୍ଧ ସମ୍ମିଳନୀ ଆୟୋଜନ କରାଯାଇଛି । ଆନ୍ତର୍ଜାତିକ ବୌଦ୍ଧ ଫାଉଣ୍ଡେସନ ଓ ଉଦରଗିରି ବୁଦ୍ଧ ମହୋତ୍ସବ କମିଟି ପକ୍ଷରୁ ଏହାକୁ ଆୟୋଜନ କରାଯାଇଛି । ଦ୍ୱିତୀୟ ବୁଦ୍ଧ ଗୁରୁ ପଦ୍ମସାମ୍ଭବଙ୍କ ଦେହାନ୍ତ ଏହି ଉଦୟଗିରିଠାରେ ହୋଇଥିଲା । ଏହିଠାରେ ବୁଦ୍ଧଙ୍କ ଜୀବନକାଳ କଟିଥିଲା । ସେଥିପାଇଁ ଏଠାରେ କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି । ଉଦୟଗିରି ଓ ରତ୍ନଗିରି ସହ ଲଳିତଗିରି ଆଦି ତିନୋଟି ସ୍ଥାନକୁ ବିଶ୍ୱ ଐତିହ୍ୟର ମାନ୍ୟତା ଦେବାପାଇଁ ଦାବି କରାଯାଇଛି । ବୁଦ୍ଧଙ୍କ ନୀତି ବାଣୀ ପ୍ରଚ୍ାର ପ୍ରସାର ସହ ଲୋକଙ୍କୁ ଅବଗତ କରାଇବା ମୁଖ୍ୟ ଉଦ୍ଦଶ୍ୟ ବୋଲି ଧର୍ମାବଲମ୍ବିମାନେ କହିଛନ୍ତି ।

## ଦିଲ୍ଲୀରେ ୪୦୦ ସ୍କୁଲକୁ ବୋମା ଧମକ ଦେଇଥିଲା ନାବାଳକ, ଆପ୍-ବିଜେପି ମୁହାଁମୁହିଁ




ଭୁବନେଶ୍ୱର,୧୪।୧(ପି.ଏନ): ଦିଲ୍ଲୀରେ ସ୍କୁଲ ଗୁଡ଼ିକୁ ବୋମାରେ ଉଡ଼ାଇଦେବାକୁ ବାରମ୍ବାର ମିଳୁଥିବା ଧମକ ମାମଲାର ହୋଇଛି ପର୍ଦ୍ଦାଫାସ । ଭିପିଏନ୍ ବ୍ୟବହାର କରି ମେଲ୍ ଯୋଗେ ଏହି ଧମକ ମିଳୁଥିବାରୁ ଅପରାଧୀକୁ ଧରିବାକୁ ନାକେଦମ ହୋଇଥିଲା ପୁଲିସ । ଏହି ମାମଲାରେ ସମ୍ଭାବ୍ୟ ଆତଙ୍କବାଦୀ ସଂପୃକ୍ତି ଦିଗରେ ମଧ୍ୟ ତଦନ୍ତ କରାଯାଇଥିଲା । ହେଲେ ଶେଷରେ ଗତ ୮ ତାରିଖରେ ମିଳିଥିବା ମେଲକୁ ଟ୍ରାକ୍ କରି ଜଣେ ଯୁକ୍ତ ୨ ଛାତ୍ରକୁ ଧରିଛି ପୁଲିସ । ଦିଲ୍ଲୀର ସ୍ୱତନ୍ତ୍ର ଆଇନ ଶୃଙ୍ଖଳା ସିପି ମଧୁପ ତିୱାରୀ ଏହି ସମ୍ପର୍କରେ ସୂଚ୍ନା ଦେଇ କହିଛନ୍ତି ଯେ ଏହି ଯୁକ୍ତ ୨ ଛାତ୍ରର ଫୋନ୍ ଓ ଲାପଟପ୍ ଯାଂଚ୍ କରାଯାଇଥିଲା । ଏହାପରେ ଜଣାପଡ଼ିଛି ଯେ ଏହି ଛାତ୍ର ଜଣକ ହିଁ ୪୦୦ ସ୍କୁଲକୁ ଏଭଳି ଧମକପୂର୍ଣ୍ଣ ମେଲ୍ ପଠାଇଛି । ପୁଲିସ କହିଛି ଯେ ଏହି ଛାତ୍ର ଏବଂ ଏହାର ଅଭିଭାବକ ଦିଲ୍ଲୀର ଏକ ଏନଜିଓ ସହ ଜଡ଼ିତ ଅଛନ୍ତି । ଏହି ଏନଜିଓ ଏକ ନିର୍ଦ୍ଦିଷ୍ଟ ରାଜନୈତିକ ଦଳ ସହ ମଧ୍ୟ ଜଡ଼ିତ ଅଛି । ଏହି ଏନଜିଓ ଅଫଜଲ ଗୁରୁକୁ ସମର୍ଥନ କରୁଥିଲା । ଅଫଜଲ ଗୁରୁର ଫାଶୀକୁ ଖୋଲାଖୋଲି ଭାବେ ବିରୋଧ କରିଥିଲା ଏହି ଏନଜିଓ ।

## କେବଳ ଲୋକସଭା ନିର୍ବାଚ୍ନ ପାଇଁ ଗଠନ ହୋଇଥିଲା 'ଇଣ୍ଡିଆ' ମେଣ୍ଟ: ଶରଦ ପାୱାର


ଭୁବନେଶ୍ୱର,୧୪।୧(ପି.ଏନ): କେବଳ ଜାତୀୟ(ଲୋକସଭା) ନିର୍ବାଚ୍ନ ପାଇଁ ଗଠନ ହୋଇଥିଲା 'ଇଣ୍ଡିଆ' ମେଣ୍ଟ । ଏଭଳି କହିଛନ୍ତି ବିରୋଧୀ ମେଣ୍ଟର ବରିଷ୍ଠ ସଦସ୍ୟ ଶରଦ ପାୱାର । ଲୋକସଭାରେ ବିଜେପିକୁ ମାତ ଦେବା ପାଇଁ ଗଠନ ହୋଇଥିବା ବିରୋଧୀ ମେଣ୍ଟରେ ସବୁକିଛି ଠିକ ଚ୍ାଲିନଥିବା ଚ୍ର୍ଚ୍ଚା ଜୋର ଧରିଥିବାବେଳେ ଶରଦ ପାୱାରଙ୍କ ଏଭଳି ପ୍ରତିକ୍ରିୟା ଜାତୀୟ ରାଜନୀତିକୁ ସରଗରମ କରିଛି ।ଶରଦ ପାୱାର କହିଛନ୍ତି ଯେ ରାଜ୍ୟ ଓ ଆଞ୍ଚଳିକ ନିର୍ବାଚ୍ନରେ ଏକାଠି ଲଢ଼ିବାକୁ ଇଣ୍ଡିଆ ମେଣ୍ଟରେ କୌଣସି ଆଲୋଚ୍ନା ହୋଇନଥିଲା । ତେବେ ଆମେ ସମସ୍ତେ ଆଗାମୀ ୧୦ ଦିନ ଭିତରେ ଏକାଠି ହେବୁ ଏବଂ ଆଞ୍ଚଳିକ ନିର୍ବାଚ୍ନ ବିଷୟରେ ଆଲୋଚ୍ନା କରିବୁ ବୋଲି କହିଛନ୍ତି ଶରଦ ପାୱାର । ଦିଲ୍ଲୀରେ ଆପ୍ ଓ କଂଗ୍ରେସ ପରସ୍ପର ବିରୋଧରେ ଲଢ଼ିବା ବିଷୟରେ ପାୱାର କହିଛନ୍ତି ଯେ, କେବଳ ଜାତୀୟ(ଲୋକସଭା) ନିର୍ବାଚ୍ନ ପାଇଁ ଗଠନ ହୋଇଥିଲା 'ଇଣ୍ଡିଆ' ମେଣ୍ଟ । ଦିଲ୍ଲୀ ହେଉଛି ଅରବିନ୍ଦ କେଜ୍ରିୱାଲଙ୍କ ଗଡ଼ । ସେଠାରେ ଲୋକ ତାଙ୍କୁ ଦୁଇଥର ବହୁମତ ଦେଇଛନ୍ତି । ତେଣୁ ଯଦି ସେଠାରେ ସେ ଆତ୍ମବିଶ୍ୱାସର ସହ ଏକା ଲଢ଼ିବାକୁ ନିଷ୍ପତ୍ତି ନେଇଛନ୍ତି, ଏହା ବହୁତ ଭଲ ।








## ଟି ଟାଇମ୍



### ଜୋକ୍ସ

ଚିଣ୍ଟୁ-ବାପା କାଲି ଆମ ସ୍କୁଲକୁ ଯିବ, ଗୋଟେ ଛୋଟିଆ ଗେଟ ଟୁଗେଦର ଅଛି
ବାପା-କିଏ କିଏ ଆସୁଛନ୍ତି ?
ଚିଣ୍ଟୁ-କେହି ନୁହେଁ, ମୁଁ ତମେ ଆଉ ପ୍ରିନ୍ସପାଲ।

# ସ୍ୱର୍ଗଦ୍ୱାର ପାଲଟିଛି ଗଛ

ଇଣ୍ଡୋନେସିଆର ଦକ୍ଷିଣ ସୁଲାବେସି ପ୍ରାନ୍ତରେ ଏଭଳି ଏକ ଗଛ ରହିଛି ଯାହାକୁ ନେଇ ସେଠାକାର ଲୋକଙ୍କର ଏକ ଅନ୍ଧବିଶ୍ୱାସ କରିଛି । କଥା କ’ଣ ସେହି ଗଛ ନିଜେ ହିଁ ସେ ଅଞ୍ଚଳର ସ୍ୱର୍ଗଦ୍ୱାର ପାଲଟିଛି । ସେଠାକାର ଅନେକ ଲୋକ ତାଙ୍କ ପିଲାମାନଙ୍କର ମୃତ୍ୟୁ ପରେ ତାଙ୍କ ମୃତ ଦେହକୁ ମାଟିରେ ପୋତିବା ବଦଳରେ ଗଛ ମଧ୍ୟରେ ହିଁ ପୋତିଥାନ୍ତି । ସେମାନଙ୍କ ମାନ୍ୟତା ରହିଛି ସେପରି କଲେ ସେମାନଙ୍କର ପିଲାମାନଙ୍କୁ ପ୍ରକୃତି ତାଙ୍କ ମଧ୍ୟରେ ଆଶ୍ରୟ ଦେଇଥାଏ । ଏହି ଖାସ୍ ପ୍ରକାରର ଗଛ ସେଠାକାର ତାନା ତୋରାଜା ନାମକ ସ୍ଥାନରେ ଅବସ୍ଥିତ । ସେ ଗାଁର ପିଲାମାନେ ମରିଯିବା ପରେ ଗଛରେ ତାଙ୍କର ସମାଧି ବନାଇବା ପାଇଁ ଗଛର ଗଣ୍ଡିକୁ ପ୍ରଥମେ ଖୋଲି ସ୍ଥାନ ବନାଇଥାନ୍ତି ପରେ ତାଙ୍କ ଶିଶୁର ଶବକୁ ଗୋଟିଏ କପଡ଼ାରେ ଗୁଡ଼ାଇ ସେହି ଗଛ ମଧ୍ୟରେ ରଖିଦିଅନ୍ତି । ତା’ପରେ ଗାତକୁ ପୋତିବା ପାଇଁ ଗଛ ଗଣ୍ଡିରେ ପ୍ରସ୍ତୁତ ପ୍ରାଇବର ଚଦର ବ୍ୟବହାର କରନ୍ତି । ଗଛ ମଧ୍ୟରେ କେବଳ ସେହି ପିଲାମାନଙ୍କୁ ପୋତାଯାଏ ଯାହାର ଦାନ୍ତ ଉଠିନଥିବ । ସମୟକ୍ରମେ ସେହି ଖାଲ ସ୍ଥାନ ଆପେ ଆପେ ପୂରିଯାଏ । ଏହାକୁ ଦେଖି ଗାଁଲୋକ ମାନି ନିଅନ୍ତି ତାଙ୍କ ମରିଯାଇଥିବା ଶିଶୁକୁ ପ୍ରକୃତିର କୋଳକୁ ଚାଲିଗଲା ।

# ଥକ୍କାପଣ ଦୂର କରିବ ପ୍ରୋଟିନ୍ ଖାଦ୍ୟ



ଅଧିକାଂଶ ସମୟ ଲୋକଙ୍କର ଅଭିଯୋଗ ରହିଆସିଛି ଯେ, ସେମାନେ ଅଳ୍ପ କାମ ରେ ଜଲଦି ଥକିପଡ଼ନ୍ତି । କିଛି ବ୍ୟକ୍ତି ଏଭଳି ବି ଅଛନ୍ତି ଯିଏ କିଛି କାମ ନ କରି ମଧ୍ୟ ଥକ୍କା ଅନୁଭବ କରିଥାନ୍ତି। ଶରୀରରେ ଶକ୍ତିର କମି ଫଳରେ ଜଣେ ବ୍ୟକ୍ତି ଥକ୍କା ଅନୁବବ କରିଥାଏ । ତେଣୁ ଶରୀରକୁ ଶକ୍ତିଶାଳୀ ବନାଇବାପାଇଁ ଆପଣ ଆପଣଙ୍କ ଖାଦ୍ୟରେ ଦିନଚର୍ଯ୍ୟାରେ ପ୍ରୋଟିନ୍ ଯୁକ୍ତ ଖାଦ୍ୟ ସାମିଲ କରନ୍ତୁ । ପୂରା ଦିନ ପାଣି କିମ୍ବା କିଛି ତରଳ ପଦାର୍ଥ ପିଇବା ଉଚିତ୍ । ପାଣି ଶରୀରର ହାନୀକାରକ ତତ୍ତ୍ୱକୁ ବାହାରକୁ ବାହାର କରି ଶାରୀରିକ ପ୍ରଣାଳୀରେ ନୂତନ ଶକ୍ତି ସୃଷ୍ଟି କରିଥାଏ । ସର୍ବତ, ଫଳରସ, ନଡ଼ିଆ ପାଣି ଭଳି ପାଣି ଜିନିଷ ପିଇବା ଉଚିତ୍ । ଶାରୀରିକ ସତେଜ ରହିବା ପାଇଁ ପ୍ରୋଟୀନ୍ ଯୁକ୍ତ ଖାଦ୍ୟ ନିଜ ଖାଦ୍ୟରେ ଗ୍ରହଣ କରିବା ଉଚିତ୍ । କାର୍ବୋହାଇଡ୍ରେଟ୍ରୁ ଶରୀରକୁ ଶକ୍ତି ମିଳିଥାଏ। ଫଳମାନଙ୍କ ମଧ୍ୟରେ କମଳା, ଆତାବି, ଲିଚି ଆଦି ଖାଇବା ଉଚିତ୍ । ଏଥିରେ ପ୍ରଚୁର ମାତ୍ରାରେ ଗ୍ଲୁକୋଜ ରହିଥାଏ । କ୍ଷୀରରେ ମହୁ ମିଶାଇ ଓ କଦଳୀର ସେକ୍ ପିଇଲେ ଶରୀରକୁ ଭଲ ଶକ୍ତି ମିଳିଥାଏ । ସବୁଠାରୁ ମହତ୍ତ୍ୱପୂର୍ଣ୍ଣ କଥା ହେଉଛି ଆପଣ ପୂରା ଦିନ ଯେତେ କାମ କରିଲେ ମଧ୍ୟ ୭ରୁ ୮ ଘଣ୍ଟାର ନୀଦ ପୂରା କରିବା ଉଚିତ୍ । ଏଭଳି କଲେ ପର ଆପଣଙ୍କୁ ସଠିକ୍ ଶକ୍ତି ମିଳିପାରିବ ।

# ପ୍ରଦୂଷଣ ବିହୀନ କାର୍

ଗାଡ଼ିମଟରର ବ୍ୟବହାର ପ୍ରଦୂଷଣ ବଢ଼ାଇଥାଏ । କିନ୍ତୁ ଏହି ଫଟୋ ଦେଖି ଆପଣ ଅନୁମାନ ଲଗାଇପାରୁଥିବେ କାର୍ ନିର୍ମାତାମାନେ ପ୍ରଦୂଷଣ ରୋକିବା ପାଇଁ ଅନେକ ପରିଶ୍ରମ କରୁଛନ୍ତି । ଏହା ସ୍ମାର୍ଟ ଫୋରଟୁ କାର୍। ଏଥିରେ ପାଞ୍ଚ ବର୍ଗ ମିଟର କ୍ଷେତ୍ରରେ ଘାସ ଜମା ହୋଇଛି । ଯାହା ପ୍ରକୃତରେ ସତସତିକା ଘାସ ନୁହେଁ ଏହା ସିଡ଼ମ ଘାସ। କାର ନିର୍ମାତାମାନେ ସେହି ସିଡ଼ମ ଘାସର ବ୍ୟବହାର କରିଛନ୍ତି । ସ୍ମାର୍ଟ ଫୋରଟୁ କାର୍ ମୁବଲ ଲ୍ୟାବର ଗ୍ରୀନ୍ ସ୍କ୍ରିନ୍ ପ୍ରୋଜେକ୍ଟ ଅନ୍ତର୍ଗତ । ମୁବଲଙ୍କ କହିବା ଅନୁସାରେ ରାସ୍ତାରେ ଯେତେବେଳେ ଏହି ଧରଣର କାର୍ ଚଳିବ, ପ୍ରଦୂଷଣ କମ୍ ହେବ ଓ ପର୍ଯ୍ୟାବରଣର ପରିସ୍ଥିତି ସୁଧୁରିବ। ଏହି କାର୍କୁ ପ୍ରଥମେ ଜର୍ମାନଠାରେ ସ୍ଟଟଗାର୍ଟରେ ଆସନ୍ତା ବର୍ଷର ପ୍ରଥମ ମାସରେ ସଡ଼କ ଉପରକୁ ଅଣାଯିବ । କମ୍ପାନୀର କହିବାନୁସାରେ ଏହି କାର୍ ପ୍ରତିବର୍ଷ ୭କିଲୋଗ୍ରାମ କାର୍ବନ ଡାଇଅକ୍ସାଇଡ଼ ଗ୍ୟାସ୍ କମ୍ କରିଥାଏ । ଯାହା ଗୋଟିଏ ଗଛ ସେହି ସମୟରେ ୨.୬କାର୍ବନକୁ ସଫା କରିଥାଏ । ଏମିତି ଦେଖିବାକୁ ଗଲେ ଅଟୋ ସେକ୍ଟରର ଇଞ୍ଜିନିୟର ମାନେ ଏବେ ଗ୍ରୀନ୍ ସଲ୍ୟୁସନ୍କୁ ନେଇ ଅଧିକ ଜାଗ୍ରତ ଅଛନ୍ତି।

# କୀର୍ତ୍ତନ କରିବା ସମୟରେ ଲୋକେ ତାଳିବଜାନ୍ତି କାହିଁକି

ଧାର୍ମିକ ମାନ୍ୟତା ଅନୁସାରେ କୀର୍ତ୍ତନ କରିବା ସମୟରେ ତାଳି ବଜାଇବାର ଏହି ଅର୍ଥ ହେଉଛି ଯେ, ଭକ୍ତ ଭଗବଦ୍ ନାମରେ ଏପରି ଭାବରେ ମଗ୍ନ ହୋଇଯାଏ, ଭଗବାନଙ୍କ ନାମ କୀର୍ତ୍ତନ କରି ବିହ୍ୱଳ ହୋଇସେଥିରେ ବୁଡ଼ିଯିବା, ନାମ ଧରି ଏକ ଧ୍ୟାନରେ ବୁଡ଼ିରହି ଝୁଲି ଝୁଲି ତାଳି ବଜାଇବା । ତାଳି ଧ୍ୱନୀର ତରଙ୍ଗ ପ୍ରଭୁଙ୍କୁ ଆନ୍ଦୋଳିତ କରେ, ଯେପରି ସେ ନିଜର ଭକ୍ତକୁ ରକ୍ଷାକରିବାକୁ ଏବଂ କୃପାରସ ବରଷିବା ପାଇଁ ସ୍ୱୟଂ ସେହି ସ୍ଥାନରେ ପହଞ୍ଚିଯାଆନ୍ତି ।

## ପୁରାଣ କାହାଣୀ

# ରାଜାଙ୍କ ଗର୍ବ ଖର୍ବ ହେଲା



ଏକଦା ତ୍ରିବିକ୍ରମଙ୍କ ରାଣୀ ତାଙ୍କୁ କିଛି ପରାମର୍ଶ ଦେଲେ ଆପଣଙ୍କ ମନରେ ଉଙ୍କି ମାରୁଥିବା ପ୍ରଶ୍ନକୁ ଖୋଲି ଗୁରୁଙ୍କୁ ପଚାର । ତ୍ରିବିକ୍ରମ ମନରେ ସାହସ ବାନ୍ଧି ଗୁରୁଙ୍କୁ ପ୍ରଶ୍ନ ପଚାରିଲେ ହେ ଗୁରୁବର ଆପଣଙ୍କଠାରୁ ମୁଁ ଶିକ୍ଷା ଗ୍ରହଣ କରୁଛି କିନ୍ତୁ ମୋର କିଛି ଲାଭ ହେଉନାହିଁ । ଏପରି କାହିଁକି ହେଉଛି । ଗୁରୁ ଶାନ୍ତର ସହ କହିଲେ ହେ ରାଜନ ! କଥା ବହୁ ଛୋଟ କିନ୍ତୁ ଆପଣ ଏହି ଛୋଟ କଥା ଉପରେ ଗୁରୁତ୍ୱ ଦେଇନାହାନ୍ତି । ବଡ଼ ହେବାର ଅହଂକାର ଅହଂଭାବ ଯୋଗୁଁ ଆପଣ ମୋ ଜ୍ଞାନକୁ ସହଜେ ଗ୍ରହଣ କରିପାରୁ ନାହାଁନ୍ତି ଓ ଶିକ୍ଷା ଗ୍ରହଣ କରିବାକୁ ଦେଉନାହିଁ । ଏତିକି କହି ଗୁରୁ ରହିଗଲେ । ତ୍ରିବିକ୍ରମଙ୍କୁ ଲାଗିଲା ଯେ ଗୁରୁ କାରଣକୁ ଖୋଜି ବୁଝିପାରିଛନ୍ତି କିନ୍ତୁ ସେ ସେପରି ଗୁରୁଙ୍କୁ ଚାହିଁ ରହିଥାନ୍ତି ଗୁରୁ ତାଙ୍କର କଥା ପୁଣି ଥରେ ଆରମ୍ଭ କରି କହିଲେ ଏହା ସତ୍ୟ ଯେ ଆପଣ ଜଣେ ରାଜା ପଦ ଓ ପ୍ରତିଷ୍ଠାରେ ଆପଣ ମୋଠାରୁ ବଡ଼ା କିନ୍ତୁ ଏଠାରେ ମୁଁ ଓ ଆପଣଙ୍କ ମଧ୍ୟରେ ଥିବା ସମ୍ପର୍କ ହେଉଛି ଗୁରୁଓ ଶିଷ୍ୟର ସଂପର୍କ। ଗୁରୁ ହୋଇଥିବା କାରଣରୁ ମୋ ସ୍ଥାନ ସର୍ବଦା ଉଚ୍ଚରେ ରହିବା ଉଚିତ୍। ଆପଣ ରାଜଦରବାରରେ ସର୍ବଦା ଉଚ୍ଚ ସିଂହାସନରେ ବସିଥିବା ବେଳେ ଆପଣଙ୍କ ସୈନ୍ୟ ଓ ରାଜଗୁରୁ ସେନାପତି ଇତ୍ୟାଦି ତଳ ଆସନରେ ବସିବାକୁ ଦେଇଥାନ୍ତି ଏହି କାରଣରୁ ଆପଣ ଶିକ୍ଷା ଗ୍ରହଣ କରିପାରୁ ନାହାନ୍ତି ଆପଣ ରାଜା ଏଥିପାଇଁ ଆପଣ ଏକଥା କହିପାରୁନଥିଲୋଗୁରୁଙ୍କ ଏପରି କଥା ଶୁଣି ରାଜା ତ୍ରିବିକ୍ରମ ନିଜର ଭୁଲ୍କୁ ବୁଝିପାରି ଗୁରୁଙ୍କୁ କ୍ଷମା ମାଗିଲେ ଓ ଶିକ୍ଷା ଗ୍ରହଣ କରିବାରେ ଲାଗିଲେ

# ରୋବଟ କରେ ହୋଟେଲ କାମ




ଜାପାନରେ ଏକ ଏଭଳି ହୋଟେଲ ରହିଛି; ଯାହା ଆଜିକାଲି ଚର୍ଚ୍ଚାରେ ରହିଛି। ଏହି ହୋଟେଲର ସବୁଠାରୁ ବଡ଼ ବିଶେଷତ୍ୱ ହେଉଛି ଏଠାରେ ଜଣେ ହେଲେ କର୍ମଚାରୀ ମଣିଷ ନୁହନ୍ତି। ସମସ୍ତେ ହେଉଛନ୍ତି ରୋବଟ। ଉକ୍ତ ହୋଟେଲରେ ସମସ୍ତ କାମର ଦାୟିତ୍ୱ ରୋବଟଙ୍କ ଉପରେ ଦିଆଯାଇଛି। ହୋଟେଲକୁ ଆସୁଥିବା ଆଗନ୍ତୁକଙ୍କ ପାଇଁ ଦ୍ୱାରା ଖୋଲିବାଠାରୁ ନେଇ ବୁକିଂ କରିବା ପର୍ଯ୍ୟନ୍ତ କାମ ରୋବଟ ହିଁ ତୁଲାଇଥାନ୍ତି। ‘ହେନ ନା’ ହୋଟେଲରେ ପୂର୍ବରୁ କାମ କରୁଥିବା ସମସ୍ତ କର୍ମଚାରୀଙ୍କୁ ଛଟେଇ କରିଦିଆଯାଇଛି। ୭୨ କକ୍ଷ ରହିଥିବା ଏହି ଆମୋଦଦାୟକ ହୋଟେଲର ଅଭ୍ୟର୍ଥନା କକ୍ଷରେ ଯୁବତୀଙ୍କ ପୋଷାକ ପରିଧାନ କରି ଜଣେ ରୋବଟକୁ ବସାଯାଇଛି। ଏକ ଯାନ୍ତ୍ରିକ ଡାଏନୋସର ଆଗନ୍ତୁକଙ୍କୁ ସ୍ୱାଗତ କରିଥାଏ। ‘ହେନ ନା’ ଅର୍ଥ ଅଲୌକିକ। ଜାପାନରେ ଏହି ହୋଟେଲରେ ଗୋଟିଏ ରାତି କଟାଇବା ପାଇଁ ୭୨ ଡଲାର ଦେବାକୁ ହୋଇଥାଏ। ଆଗନ୍ତୁକଙ୍କ ଜିନିଷପତ୍ର ରୋବଟ ହିଁ ଉଠାଇଥାନ୍ତି ଏବଂ ଆଗନ୍ତୁକଙ୍କୁ ବୁକିଂ ହୋଇଥିବା କକ୍ଷ ପର୍ଯ୍ୟନ୍ତ ନେଇଯା’ନ୍ତି। ଏହି ହୋଟେଲକୁ ଚଳାଉଥିବା ହିଡିୟୋ ସଓ୍ୱାଡା କହିଛନ୍ତି ଯେ ରୋବଟଙ୍କ ବ୍ୟବହାର କେବଳ ଲୋକଙ୍କ ଧ୍ୟାନ ଆକର୍ଷଣ କରିବା ପାଇଁ କରାଯାଉନାହିଁ; ବରଂ ବୈଷୟିକ ଜ୍ଞାନକୌଶଳର ଭରପୂର ଫାଇଦା ଉଠାଇବା ଲାଗି କରାଯାଉଛି।

# ବାଲି ନିର୍ମିତ ହୋଟେଲ୍



ପିଲାଦିନେ ଆମେ ବାଲିରେ ଅନେକ ଘର ବନାଇ ଖେଳନ୍ତି । କିନ୍ତୁ ସେହି ଘର ସାମାନ୍ୟ ଆଘାତରେ ଭାଙ୍ଗିଯାଏ । କିନ୍ତୁ ନେଦରଲ୍ୟାଣ୍ଡର କିଛି ମୂର୍ତ୍ତି ନିର୍ମାଣକାରୀ ଏହି ବାଲି ଘରକୁ ସ୍ଥାୟୀ ବନାଇବାରେ ସଫଳ ହୋଇଛନ୍ତି ଗୋଟିଏ ହୋଟେଲ୍ ମାଧ୍ୟମରେ । ନେଦରଲ୍ୟାଣ୍ଡର ଓସ୍ ଟାଉନ୍ରେ ନିର୍ମାଣ କରାଯାଇଛି ଏହି ହୋଟେଲ୍ । ଏବେ କିନ୍ତୁ ସେହି ହୋଟେଲ୍ରେ ଗୋଟିଏ ରୁମ୍ର ବ୍ୟବସ୍ଥା କରାଯାଇଛି । ସେହି ରୁମ୍ରେ ରହିବାକୁ ହେଲେ ଆପଣଙ୍କୁ ଗୋଟିଏ ଦିନ ପାଇଁ ୧୧ହଜାରଟଙ୍କା ମୂଲ୍ୟ ଦେବାକୁ ହେବ। ହୋଟେଲ୍ର ମ୍ୟାନେଜର ମାଦ ବେନ୍ ଲିଓ୍ୱେନ କହନ୍ତି ନେଦରଲ୍ୟାଣ୍ଡରେ ଏଭଳି ବାଲି ତିଆରି ହୋଟେଲ୍ ବନାଇବାର ଆଇଡିଆ ତାଙ୍କୁ ଫିନ୍ଲ୍ୟାଣ୍ଡ ଓ ସ୍ୱିଡେନ୍ ମିଳିଥିଲା । ସେଠାରେ ବରଫ ନିର୍ମିତ ହୋଟେଲ୍ ଦେଖିବାକୁ ମିଳେ । ସେହି ହୋଟେଲ୍ ମଧ୍ୟରେ ବରଫ ନିର୍ମିତ ବେଡ୍ ରହିଛି, ଘରମାନଙ୍କର ତାପମାତ୍ରା ୮ଡିଗ୍ରୀ ସେଲସିୟସ୍ କମ୍ ରହିଥାଏ । ଲିଓ୍ୱେନ୍ ବାଲିର ହୋଟେଲ୍ ବନାଇବା ପାଇଁ ହଜାର ଟନ୍ ବାଲି ସଂଗ୍ରହ କରିଥିଲେ । ବାଲି ଘରକୁ ସୁଦୃଢ଼ କରିବା ପାଇଁ କାଠର ଢ଼ାଞ୍ଚା ପ୍ରସ୍ତୁତ ହୋଇଥିଲା । ପରେ ବାଲିର ଛାତ, ଭୂଇଁ ଓ କାନ୍ଥ ପ୍ରସ୍ତୁତ ହୋଇଥିଲା । ହୋଟେଲରେ ଅତିଥିଙ୍କ ପାଇଁ ଓ୍ୱାଇଫାଇ, ଲାଇଟ୍ ଓ ପାଣିର ସୁବିଧା ରହିଛି ।

# ମିଥ୍ୟା ଅଭିମାନ ଉନ୍ନତି ପଥରେ ବାଧକ ସାଜିଥାଏ

ସଫଳତା ହାସଲ କରିବାରେ ଯେଉଁ ଖୁସି ମିଳେ ତାହା କହିହୁଏ ନାହିଁ । କିନ୍ତୁ ସେହି ଖୁସି ଯଦି ଅଧିକରୁ ଅଧିକ ହେଲା ତାହା କ୍ରନ୍ଦନରେ ପରିଣତ ହୋଇଥାଏ। ଖୁସି, ଉଲ୍ଲାସ, ଆନନ୍ଦ ହେବା ସମସ୍ତଙ୍କର ଅଧିକାର । ଏହି ଅଧିକାରରୁ କେହି ବଞ୍ଚିତ ନୁହଁନ୍ତି । ଯିଏ ଏଥିରୁ ବଞ୍ଚିତ ସେ ସର୍ବଦା ଦୁଃଖରେ କାଳାତିପାତ କରିଥାଏ ବୋଲି ଅନେକ କୁହନ୍ତି । ନିଜ ଖୁସିରେ ଖୁସି ନ ହୋଇ ଅନ୍ୟ ଖୁସିରେ ଖୁସି ହେଲେ ଆତ୍ମାକୁ ଆନନ୍ଦ ମିଳିବା ସହ ସଦା ସର୍ବଦା ପ୍ରଫୁଲ୍ଲ ହୋଇଥାନ୍ତି। ଏକଦା ୟୁରୋପ ସେନା ଯୁଦ୍ଧରେ ବିଜୟୀ ହୋଇ ୟୁରୋପ୍ ରାଜାଙ୍କ ମାନ ରଖିଲେ । ସେନାଙ୍କ ବିଜୟରେ ରାଜା ପ୍ରସନ୍ନ ହୋଇ ସେନାପତିଙ୍କ ସହ ସୈନ୍ୟଗଣଙ୍କୁ ସ୍ୱାଗତ ଲାଗି ଯୋଜନା କଲେ । ରାଜା ତାଙ୍କ ମନ୍ତ୍ରୀମାନଙ୍କୁ କହିଲେ, ସେନାପତି ରାଜ୍ୟରେ ପ୍ରବେଶ କରିବା ମାତ୍ରେ ତାଙ୍କର ଜୟଜୟକାର ହେଉ । ଏହି ଭବ୍ୟ ସମାଚାର ପାଇ ସେନାପତି ବହୁ ପ୍ରସନ୍ନ ହେଲେ । ସେ ଏତେ ପ୍ରସନ୍ନ ହୋଇଗଲେ ଯେ ତାଙ୍କ ଖୁସିର ସୀମା ଆଉ ରହିଲା ନାହିଁ ଓ ସେ ଗର୍ବ ଅନୁଭବ କଲେ । ରାଜାଙ୍କ ସ୍ୱାଗତ ଯୋଜନା ଅନୁଯାୟୀ ମନ୍ତ୍ରୀମାନେ ଚାରୋଟି ଧଳା ଘୋଡ଼ାରେ ସେନାପତିଙ୍କୁ ଆସିନ କରାଇ ନଗରରେ ପ୍ରବେଶ କଲେ । ହଠାତ୍ ସେନାପତି ଦେଖିବାକୁ ପାଇଲେ ଆଉ ଏକ ସଜ୍ଜିତ ରଥରେ ଜଣେ ଦାସ ଆସିନ ହୋଇ ସେନାପତିଙ୍କ ରଥ ସହ ସମାନ୍ତର ଭାବେ ରାଜଧାନୀରେ ପ୍ରବେଶ କରୁଛନ୍ତି । ଏହା ଦେଖି ତାଙ୍କ ମଧ୍ୟରେ ଅହଂଭାବ ଜାଗ୍ରତ ହେଲା । ଏହି ଅହଂଭାବକୁ ଜାଣିପାରି ରାଜା ଏହି ଯୋଜନା କରିଥିଲେ । ଏହି ରଥରୁ ସେନାପତି ଜାଣିବାକୁ ପାଇଲେ ଯେ ଛୋଟରୁ ଛୋଟ ସାଧାରଣ ଦାସ ମଧ୍ୟ ତାଙ୍କ ସହ ସମାନ । ସେମାନେ ଗୌରବପୂର୍ଣ୍ଣ ପଦରେ ମଧ୍ୟ ଅଧିଷ୍ଠିତ ହୋଇପାରିବେ । ସେହି ସମୟରେ ତାଙ୍କର ବିଜୟର ଉଲ୍ଲାସ ମଉଳିଯିବା ସହ ତାଙ୍କର ଅଭିମାନ ମଧ୍ୟ ନଷ୍ଟ ହୋଇଗଲା । ମିଥ୍ୟା ଅଭିମାନ ଉନ୍ନତି ପଥର ବାଧକ ସାଜିଥାଏ ।

## ଆଜିର ଭାଗ୍ୟ



ମେଷ
ସେବା ମନୋଭାବ ଯୋଗୁଁ କର୍ମକ୍ଷେତ୍ରରେ ସମ୍ମାନୀୟ ବ୍ୟକ୍ତି ବିଶେଷଙ୍କଠାରୁ ସାହାଯ୍ୟ ସହଯୋଗ ପାଇବେ। ବ୍ୟବସାୟ ଓ ନିର୍ମାଣ କ୍ଷେତ୍ରରେ ସମସ୍ୟର ସମାଧାନ ହେବ। ଶତ୍ରୁ ବୃଦ୍ଧି ହୋଇପରେ। ମହିଳାମାନେ ମାନସିକ ଚିନ୍ତାର ଶିକାର ହେବେ।


ବୃଷ
ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଲେ ମଧ୍ୟ ଆପଣ ନିଜର କଳା କୌଶଳ ପ୍ରୟୋଗ କରି ଜୟ ଯୁକ୍ତ ହେବେ। ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବେ। ମହିଳାମାନେ ଅପମାନିତ ହୋଇପରନ୍ତି।



ମିଥୁନ
ସମସ୍ୟା ଉପରେ ସମସ୍ୟାର ସମାଧାନ କରି ବ୍ୟସ୍ତ ବିବ୍ରତ ହୋଇ ପଡିବେ। ସାଧାରଣ କଥାକୁ କେନ୍ଦ୍ର କରି ମନରେ ବିରକ୍ତି ଭାବ ସୃଷ୍ଟି ହୋଇପାରେ। ଆର୍ଥିକ ସ୍ୱଚ୍ଛଳତା ଓ ବନ୍ଧୁଙ୍କର ସାନ୍ନିଧ ଲାଭରୁ ଖୁସି ହେବେ।



କର୍କଟ
ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ଆସିବାରୁ ମନ ଭାରାକ୍ରାନ୍ତ ରହିବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତା କରିପାରନ୍ତି। ରାଜନୀତି କ୍ଷେତ୍ରରେ ପଦ ମର୍ଯ୍ୟାଦ ବୃଦ୍ଧି ପାଇବ। ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ପ୍ରକାଶ ପାଇବ।


ସିଂହ
ପ୍ରତ୍ୟେକ କ୍ଷେତ୍ରରେ ସଫଳତା ମିଳିବ। ସାମ୍ପତ୍ୟ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖା ଦେଇପାରେ। ନିର୍ମାଣ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହୋଇପରେ। ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ।



କନ୍ୟା
ପ୍ରତ୍ୟେକ କ୍ଷେତ୍ରରେ ଖର୍ଚ୍ଚାନ୍ତ ହୋଇ ଆଶା ପୂରଣ କରିବେ। କର୍ମକ୍ଷେତ୍ରରେ ସଙ୍କଟର ସମ୍ମୁଖୀନ ହେଲେ ମଧ୍ୟ କାର୍ଯ୍ୟକ୍ଷେତ୍ରରେ ସଫଳତା ହାସଲ କରିବେ। ଆନୁଷ୍ଠାନିକ କାମରେ ମହିଳାମାନେ ସମସ୍ୟାର ଦୃଢ଼ ମୁକାବିଲା କରିବେ।


ତୁଳା
ସ୍ତ୍ରୀଙ୍କର ପ୍ରେରଣା ଓ ସହଯୋଗରୁ ଉପକୃତ ହେବେ। କର୍ମକ୍ଷେତ୍ରରେ ଅତ୍ୟଧିକ ଖର୍ଚ୍ଚ କରିବାକୁବାଧ ହେବେ। ଆଶା କରୁଥିବା ଦିଗରୁ ଶୁଭ ଖବର ପାଇବେ। ମୋଟା ଅଙ୍କର ଅର୍ଥ ଖର୍ଚ୍ଚ କରି ସ୍ଥଗିତ କାମକୁ ତ୍ୱରାନିତ୍ୱ କରିବେ।


ବିଛା
ଚୁରତାର ସହ ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇ କର୍ଯ୍ୟ ହାସଲ କରିବାରେ ସମର୍ଥ ହେବେ। ମାଙ୍ଗଳିକ କାର୍ଯ୍ୟ ସକାଶେ ଆଲୋଚନାରେ ବ୍ୟସ୍ତ ରହିବେ। ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରି ସାମୟିକ ଆନନ୍ଦ ପ୍ରାପ୍ତ କରିବେ।


ଧନୁ
ପାରିବାରିକ ଅସ୍ଥିରତା ଲାଗି ରହିଥିଲେ ମଧ୍ୟ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ କମ୍ ହେବ। ବନ୍ଧୁମାନଙ୍କ ଦ୍ୱାରା ସମସ୍ୟାର ସରଳ ସମାଧାନ ହେବ। ରାଜନୀତିକ ସ୍ତରରେ ଉନ୍ନତି କରିବେ। ମହିଳାମାନେ ପରିବାରର କଥାକୁ ଚିନ୍ତା କରି ଅସ୍ଥିର ହେବେ।


ମକର
କର୍ମକ୍ଷେତ୍ରରେ ଧୀରେ ସୁସ୍ଥେ ଗତି କରିବେ। ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିବେ। ନିଜ ଦୋଷରୁ ନିଜ ପାଇଁ ଅସୁବିଧା ସୃଷ୍ଟି କରିବେ। ମହିଳାମାନେ ଗଠନ ମୂଳକ ପରାମର୍ଶ ପାଇ ଖୁସି ହେବେ।


କୁମ୍ଭ
ସନ୍ତାନମାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁଁ ବିଚଳିତ ରହିବେ। ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କର ସାହାଯ୍ୟ ଲୋଡିବେ। ବ୍ୟବସାୟ କ୍ଷେତ୍ରରେ ଆଶାନୁରୂପକ ଲାଭବାନ ହେବେ। ମହିଳାମାନଙ୍କର ସ୍ୱାସ୍ଥ୍ୟହାନୀ ଘଟିପାରେ।


ମୀନ
ଦୁଃସାହସିକ ପଦକ୍ଷେପ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ମଜଳିଆ କଥା କହି ବନ୍ଧୁଙ୍କୁ ଆକର୍ଷିତ କରିବେ। କେତେକ କ୍ଷେତ୍ରରେ ଚାପରୁ ସମ୍ମୁଖୀନ ହୋଇପାରନ୍ତି। ସନ୍ତାନଙ୍କ ପାଇଁ ଗୌରାବାନିତ୍ୱ ମନେ କରିବେ।

# ୩ ଫୁଟର ବର-କନ୍ୟା




କଥାରେ କୁହନ୍ତି ଯୋଡି ଭଗବାନ ବନାଇ ଥାଆନ୍ତି । ଭଗବାନ ହିଁ ପ୍ରତ୍ୟେକ ମଣିଷ ପାଇଁ ସଠିକ ଜୀବନସାଥୀ ଚୟନ କରିଥାନ୍ତି । ନିକଟରେ ମହାରାଷ୍ଟ୍ରର ଗୋଣ୍ଡାଲବା ସହରର ଛାଜେଡ ପରିବାରରେ ଏକ ବିବାହ ସମ୍ପନ୍ନ ହୋଇଛି । ବିବାହରେ ବରର ଉଚ୍ଚତା ପାଖାପାଖି ୩ ଫୁଟ ହୋଇଥିବା ବେଳେ କନ୍ୟାର ଉଚ୍ଚତା ବି ସେତିକି । ଛାଜେଡ ପରିବାରରେ ଦୁଇ ପୁଅ ଅଛନ୍ତି । ଦୁଇ ଜଣଙ୍କ ଉଚ୍ଚତା ମାତ୍ର ୩.୬ ଫୁଟ । ସେହି ପରିବାରର ସାନ ପୁଅ ଧୀରଜ ବିବାହ କରିଥିଲେ ନିକଟସ୍ଥ ଗାଁର ପୂଜା ସୁରାଣାଙ୍କୁ । ପୂଜାଙ୍କ ଉଚ୍ଚତା ୩.୨ ଫୁଟ ହେବ । ଏହା ପୂର୍ବରୁ ତାଙ୍କ ବଡ ଭାଇଙ୍କ ବିବାହ ଜଣେ ୩.୩ ଫୁଟ ଉଚ୍ଚତାର କନ୍ୟା ସହ ହୋଇଥିଲା । ଏହି ପରିବାରର ସମସ୍ତଙ୍କ ଉଚ୍ଚତା ପ୍ରାୟ ସମାନ ହୋଇଥିବାରୁ ଏହାକୁ ଭଗବାନଙ୍କ ବରଦାନ ବୋଲି କେହି କେହିଁ କୁହନ୍ତି ।




# ସତ୍ସଙ୍ଗର ଆହ୍ୱାନ: ଯଜନ, ଯାଜନ ଓ ଇଷ୍ଟଭୃତି

ଯୁଗପୁରୁଷୋ ମ ଭଗବାନ ଶ୍ରୀ ଶ୍ରୀ ଠାକୁର ଅନୁକୂଳ ଚନ୍ଦ୍ରଙ୍କର ସ୍ୱହସ୍ତ ଲିଖିତ ପବିତ୍ର ଗ୍ରନ୍ଥ ସତ୍ୟାନୁସରଣର ଅମୋଘ ବାଣୀ - ସଦ୍‌ଗୁରୁଙ୍କର ଆଦେଶ ପାଳନ ପରି ଆଉ ମନ୍ତ୍ର କ'ଣ ଅଛି? ଚାଲ ଆଗେଇ ଯାଅ, ରାସ୍ତା ଭାବି କ୍ଳାନ୍ତ ହୋଇପଡ଼ ନାହିଁ। ଯୁଗାବତାର ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର କହିଲେ - ସଦ୍‌ଗୁରୁଙ୍କର ଶରଣାପନ୍ନ ହୁଅ, ସତ୍‌ନାମ ମନନ କର ଓ ସତ୍ସଙ୍ଗର ଆଶ୍ରୟ ଗ୍ରହଣ କର, ମୁଁ ନିଶ୍ଚୟ କରି କହୁଛି ତୁମକୁ ଆଉ ତୁମର ଉନ୍ନୟନ ପାଇଁ ଭାବିବାକୁ ହେବନାହିଁ। ସଦ୍‌ଗୁରୁଙ୍କୁ ଧରିବାକୁ ହୁଏ, ସତ୍ କାମ କରିବାକୁ ହୁଏ। ଶରୀର ପାଇଁ ଖାଦ୍ୟ ନିହାତି ଦରକାର, ସବୁଦିନ ଯଦି ଖାଦ୍ୟ ନଖାଇବୁ ତେବେ ଶକ୍ତ ଶରୀର ମଧ୍ୟ ଭାଙ୍ଗି ପଡ଼ିବ। ତେଣୁ ଶରୀର ପରି ମନପ୍ରାଣ - ସୁରତ ବା ଆତ୍ମାକୁ ମଧ୍ୟ ତାର ଉପଯୁକ୍ତ ଖୋରାକ ନିତ୍ୟ ଦେବା ଦରକାର। ନ ହେଲେ ତାହା କ୍ଷୀଣ ବା ଦୁର୍ବଳ ହୋଇପଡ଼ିବ, ଶାନ୍ତି ଓ ସ୍ୱସ୍ତି ବ୍ୟାହତ ହେବ। ଯଜନ, ଯାଜନ ଓ ଇଷ୍ଟଭୃତି ହିଁ ହେଲା ମନପ୍ରାଣ - ସୁରତର ପ୍ରଧାନ ଖୋରାକ। ନାମଧ୍ୟାନ ପ୍ରତିଦିନ ନିୟମିତ ଭାବେ କରିବାକୁ ହୁଏ, ଗୁରୁଙ୍କର କଥା ସଦା ସର୍ବଦା କହିବାକୁ ହୁଏ। ପିତାମାତାଙ୍କୁ ଯେପରି ଆମେ ପ୍ରତିଦିନ ଖାଇବାକୁ ଦେଇଥାଉ, ଗୁରୁଙ୍କୁ ମଧ୍ୟ ସେହିପରି ରୋଜ ଖାଇବାକୁ ଦେବାକୁ ହୁଏ। ତାଙ୍କୁ ଦେବାପରେ ନିଜେ ଖାଇବାକୁ ହୁଏ। ଗୁରୁ ଆଧାତ୍ମିକ ଓ ସର୍ବତୋ-ଭାବେ ଆମ୍ଭମାନଙ୍କର ପିତା ଅର୍ଥାତ୍ ପାଳନକ ର୍ତା ଓ ରକ୍ଷାକ ର୍ତା। ଗୁରୁମୟ ହେଲେ ହିଁ ଜୀବନ ଗୌରବମୟ ହୁଏ। ଜୀବନର ନୀତିବିଧି ଯଦି ମାନି ଚାଲୁ ଆମ୍ଭମାନଙ୍କୁ ଆଉ ଠକାଇବ କିଏ? ଆମେ ସେତେବେଳେ କ୍ରମୋନ୍ନତି ଓ ଶାନ୍ତିର ପଥରେ ନିଶ୍ଚୟ ଚାଲିବା। ସଦ୍‌ଗୁରୁଙ୍କୁ ଚିହ୍ନିବାର ପ୍ରଥମ ଲକ୍ଷଣ ହେଲା ଯେ - ସଦ୍‌ଗୁରୁ ତାଙ୍କର ଗୁରୁଙ୍କ ଠାରେ ସର୍ବତୋ ଭାବରେ ସଂନ୍ୟସ୍ତ ହେବେ। ତାଙ୍କର କହିବା, କରିବା ଓ ଭାବିବା ମଧ୍ୟରେ କିଛି ଫରକ୍ ରହେନାହିଁ। ପୂର୍ବତନଙ୍କ ପ୍ରତି ତାଙ୍କର ପ୍ରଣତି ରହିବ ହିଁ ରହିବ। ସେ ପ୍ରତ୍ୟେକଙ୍କର ବୈଶିଷ୍ଟ୍ୟ ରକ୍ଷା କରି ଚଳନ୍ତି। ସେ ଅଲୌକିକତାର ଆଶ୍ରୟ ଗ୍ରହଣ ନକରି ମନୁଷ୍ୟକୁ ସହଜ ପଥରେ ଏପରି ଭାବରେ ପରିଚାଳନା କରନ୍ତି ଯାହାଦ୍ୱାରା ସେମାନଙ୍କର ଚାରିତ୍ରିକ ବିକାଶ ଘଟେ। ମନୁଷ୍ୟକୁ ପ୍ରକୃତ ମନୁଷ୍ୟତ୍ୱର ଅଧିକାରୀ କରି ତୋଳିବା ଦିଗରେ ହିଁ ଝୁଙ୍କ ରହିବ ସବୁଠାରୁ ବେଶୀ। ଏହା ହେଉଛି ସଦ୍‌ଗୁରୁଙ୍କର ମୌଳିକ ଓ ସାର୍ବଜନୀନ ଚାରିତ୍ରିକ ଲକ୍ଷଣ। ସଦ୍‌ଗୁରୁଙ୍କର ଅହଂ ଅତ୍ୟନ୍ତ ପତଳା, ସମସ୍ତଙ୍କୁ ସହନ ଓ ବହନ କରିବାର ଶକ୍ତି ଅପରିସୀମ। ନିଜର ଗୁଣଗାନ କରିବାର ଅଭ୍ୟାସ ତାଙ୍କର କେବେ ନଥାଏ। ଅନ୍ୟକୁ ବଡ଼ କରିବା, ହିଁ ତାଙ୍କର ସୁଖ, ଆତ୍ମ-ପ୍ରତିଷ୍ଠାର ଇଚ୍ଛା ତାଙ୍କ ପାଖରେ କେବେ ନଥାଏ ବରଂ ଆଦର୍ଶ ପ୍ରତିଷ୍ଠା ହିଁ ତାଙ୍କର ଏକମାତ୍ର ଧନ୍ଦା। ତାଙ୍କ ଚରିତ୍ର ଅସ୍ୱାଭାବିକ ଭାବେ ସ୍ୱାଭାବିକ, ସେ ଯେପରି ପ୍ରକୃତିର ଶିଶୁ। ତାଙ୍କର ମଧୁର ବ୍ୟକ୍ତିତ୍ୱ ମଣିଷକୁ ସ୍ୱତଃ ହିଁ ମୋହିତ କରେ। ଗୁରୁକରଣ କରିବାକୁ ହେଲେ ଦେଖିବାକୁ ହୁଏ ଯେ ଗୁରୁ ନିଜେ ଆତ୍ମ ନିବେଦିତ କି ନୁହେଁ, ସେ ପ୍ରବୃ ି ଅଭିଭୂତିର ଊର୍ଦ୍ଧ୍ୱ ରାଜ୍ୟର ମନୁଷ୍ୟ। ଗୁରୁ ଗ୍ରହଣମାନେ ଆଚାର୍ଯ୍ୟ ବା ଇଷ୍ଟ ଗ୍ରହଣ। ଏହି ଆଚାର୍ଯ୍ୟ ହେଲେ ଜୀବନ୍ତ ଦିଶାରୀ। ସେ ହେଉଛନ୍ତି ମୂ ର୍ତ୍ତ ନିଷ୍ଠା। ଗୁରୁଙ୍କ ଉପରେ ଯଦି ନିଷ୍ଠା ଓ ଆନୁଗତ୍ୟ ନଥାଏ ତାହାଲେ ମନୁଷ୍ୟ କେବଳ ନିଜସ୍ୱ ବୁଦ୍ଧି ଓ ଜ୍ଞାନଦ୍ୱାରା ଜୀବନରେ ସର୍ବତୋମୁଖୀ ସାଫଲ୍ୟରେ ପହ ୍ ପାରିବନାହିଁ।



ଦୀକ୍ଷାମାନେ ଦକ୍ଷତାର ଅନୁଶୀଳନ, ଯାହା କରୁ କରୁ ସର୍ବତୋମୁଖୀ ଦକ୍ଷତା ସ୍ୱତଃ ହିଁ ବଢ଼ି ଉଠେ। ଅନେକେ ଦୀକ୍ଷା ନେବାକୁ ଚାହାଁନ୍ତି ନାହିଁ। ଶ୍ରୀ ଶ୍ରୀ ଠାକୁର କହିଲେ - ତାହାମାନେ ସେ ଜୀବନ ହିଁ ଚାହେଁନା। ମଣିଷ ଜୀବନର ଅସଲ ସମ୍ପଦ ହେଲା ସଦ୍‌ଗୁରୁଙ୍କ ପାଖରୁ ଦୀକ୍ଷା ନେଇ ତାଙ୍କ ପ୍ରତି ଅଚ୍ୟୁତ୍ ଓ ଅନୁରାଗ ସମ୍ପନ୍ନ ହୋଇ ଚଳିବା। ସତ୍ ଦୀକ୍ଷା ନେବା ପାଇଁ ମନୁଷ୍ୟର ଆପ ି ଥାଏ ଅର୍ଥ - ଆମେ ପ୍ରବୃ ିର ଅନୁଚର ହୋଇଛୁ। ଅମୃତ ଅରୁଚି ହୁଏ ସେତେବେଳେ, ଯେତେବେଳେ ଆମେ ମୃତ୍ୟୁକୁ ଭଲ ପାଉ। ତେଣୁ ଦୀକ୍ଷା ଗ୍ରହଣର ପ୍ରୟୋଜନ ଜୀବନର ଅତ୍ୟନ୍ତ ଅକାଟ୍ୟ। ପ୍ରାଣଶକ୍ତିର ଏକ ଅଖଣ୍ଡତା ଅଛି, ପ୍ରାଣଶକ୍ତିର ଏହି ଅଖଣ୍ଡତା ବାଦ ଦେଇ ଜୀବନ ଯେପରି ଜୀବନ୍ତ ରହେନାହିଁ ସେହିପରି ଏକ କେନ୍ଦ୍ରିକତା ବାଦ୍ ଦେଇ ସଂଗତିପୂର୍ଣ୍ଣ-ଜୀବନ୍ତ-ଜୀବନଦର୍ଶନ ଗଢ଼ି ଉଠେନାହିଁ। ଯାହାଙ୍କୁ କେନ୍ଦ୍ର କରି ଚାଲିବାକୁ ହୁଏ, ସେ ମନୁଷ୍ୟ ଜଣେ ସମାଧାନ ପ୍ରାପ୍ତ ଓ ସଙ୍ଗତ ମନୁଷ୍ୟ ହେବା ଏକାନ୍ତ ଆବଶ୍ୟକ। ତାହାଙ୍କୁ ଆମ୍ଭେମାନେ ଇଷ୍ଟ କହୁ। ଇଷ୍ଟ ନିଷ୍ଠା ହିଁ ତୁମର ମୁକ୍ତି, ଇଷ୍ଟ ନିଷ୍ଠା ହିଁ ପରାଗତି, ଇଷ୍ଟ ନିଷ୍ଠା ହିଁ ବ୍ରାହ୍ମୀ ପଥ, ନିଷ୍ଠା ହିଁ ତୁମର ଜୀବନ ଗତି।

# ସଡ଼କ ଦୁର୍ଘଟଣାରେ ବର୍ଷକୁ କ୍ଷତି ୧୫୦୦ କୋଟି

ସଡ଼କ ନିରାପତ୍ତା ସଂକ୍ରାନ୍ତରେ ରାଜ୍ୟ ସରକାର ସଚେତନ ହେଉନଥିବାରୁ ଓଡ଼ିଶାରେ ବାର୍ଷିକ ଯେତେ ଧନଜୀବନ କ୍ଷତି ହେଉଛି ତାହାର ପରିମାଣ ଦେଢ଼ ହଜାର କୋଟି ଟଙ୍କାରୁ ଅଧିକ ହେବ। ଅବକାରୀ, ପରିବହନ ଓ ପୁଲିସ ପ୍ରଶାସନ ଏ କ୍ଷେତ୍ରରେ ସମ୍ମିଳିତ ଉଦ୍ୟମ କଲେ ସଡ଼କ ଦୁର୍ଘଟଣା ଏବଂ ତଦ୍‌ଜନିତ ମୃତାହତଙ୍କ ସଂଖ୍ୟା ୫୦%ରୁ ଅଧିକ କମିପାରିବ ବୋଲି ନିକଟରେ ଏକ ଆଲୋଚନାଚକ୍ରର ଉପସ୍ଥାପିତ ତଥ୍ୟରୁ ଜଣାପଡ଼ିଛି। ଗତ ବାର ବର୍ଷରେ ଓଡ଼ିଶାରେ ଲକ୍ଷାଧିକ ସଡ଼କ ଦୁର୍ଘଟଣା ଘଟିଥିବାବେଳେ ୪୦ ହଜାରରୁ ଅଧିକ ଲୋକ ମରିଛନ୍ତି ଏବଂ ୫୦ ହଜାରରୁ ଅଧିକ ଗୁରୁତର ଭାବେ ଆହତ ହୋଇଛନ୍ତି ବୋଲି ରାଜ୍ୟ ସରକାରଙ୍କ ପରିସଂଖ୍ୟାନରେ ଦର୍ଶାଯାଉଛି। ରାଜ୍ୟରେ ଯେତେ ସଂଖ୍ୟକ ସଡ଼କ ଦୁର୍ଘଟଣା ଘଟୁଛି ତାହାର ପ୍ରାୟ ୬୦% ନିଶାଜନିତ କାରଣରୁ ହେଉଥିବାବେଳେ ବେପରୁଆ ଗାଡ଼ିଚାଳନାରୁ ଅନ୍ୟୁନ ୩୦% ଦୁର୍ଘଟଣା ଘଟୁଛି।

ଉପରୋକ୍ତ ସରକାରୀ ପରିସଂଖ୍ୟାନକୁ ହିସାବକୁ ନେଲେ ଗତ ବାର ବର୍ଷରେ ଅନ୍ୟୁନ ୨୪ ହଜାର ଲୋକ ନିଶା ଜନିତ ସଡ଼କ ଦୁର୍ଘଟଣାରେ ମୃତ୍ୟୁବରଣ କରିଥିବାବେଳେ ପ୍ରାୟ ୩୦ ହଜାର ଲୋକ ଓଡ଼ିଶାରେ ପଙ୍ଗୁ ହୋଇଛନ୍ତି। ଏହାଛଡ଼ା ଦୁର୍ଘଟଣାଜନିତ ସମ୍ପତ୍ତିକ୍ଷୟ ମଧ୍ୟ ରହିଛି। ସରକାରୀ ହିସାବ ଅନୁଯାୟୀ ୨୦୧୫ ବର୍ଷରେ ଓଡ଼ିଶାରେ ୪୩୦୩ ଜଣ ସଡ଼କ ଦୁର୍ଘଟଣାରେ ମରିଥିବାବେଳେ ବର୍ଷକୁ ବର୍ଷ ଏହି ସଂଖ୍ୟା ବୃଦ୍ଧି ପାଉଥିବା ବିଗତ ୧୦ ବର୍ଷର ପରିସଂଖ୍ୟାନରୁ ଜଣାପଡ଼ିଛି। ରାଜପଥର ୫୦୦ ମିଟର ଦୂରତା ମଧ୍ୟରେ ମଦ ଦୋକାନ ଖୋଲିବା ଉପରେ କଟକଣା ଥିବାବେଳେ ଖୋଦ୍ ରାଜ୍ୟ ସରକାର ଏହାକୁ ବଦଳାଇ ରାଜପଥ କଡ଼ରେ ମଦ ଦୋକାନ ଖୋଲି ଚାଲିବାରୁ ହାତ ପାହାନ୍ତାରେ ସଂଖ୍ୟାଧିକ ଚାଳକ ମଦ ପିଇ ନିଶାଗ୍ରସ୍ତ ଅବସ୍ଥାରେ ଗାଡ଼ିଚାଳନା କରିବାରୁ ବ୍ୟାପକ ସଂଖ୍ୟକ ଦୁର୍ଘଟଣା ଘଟୁଛି। ତେଣୁ ନିଶାପାନ ଜନିତ ଦୁର୍ଘଟଣା ଓ ତଦ୍‌ଜନିତ ଅପମୃତ୍ୟୁ ତଥା ଅନ୍ୟାନ୍ୟ କ୍ଷୟକ୍ଷତି ପାଇଁ ସରକାର ପ୍ରତ୍ୟକ୍ଷ ଭାବେ ଦାୟୀ ବୋଲି ମଦମୁକ୍ତି ଅଭିଯାନ ଆରୋପ କରିଛି। ଅର୍ଥନୀତିଜ୍ଞମାନେ କହୁଛନ୍ତି, ଓଡ଼ିଶାରେ ସଡ଼କ ଦୁର୍ଘଟଣା ଜନିତ ବାର୍ଷିକ କ୍ଷୟକ୍ଷତିର ପରିମାଣ ଦେଢ଼ ହଜାର କୋଟି ଟଙ୍କାରୁ ଅଧିକ ହେଉଛି। କେବଳ ସେତିକି ନୁହେଁ ଯେଉଁ ଲୋକମାନେ ଦୁର୍ଘଟଣାରେ ମରୁଛନ୍ତି କିମ୍ବା ପଙ୍ଗୁ ହେଉଛନ୍ତି ସେମାନଙ୍କ ପରିବାର ଉପରେ ଦୁଃଖର ପାହାଡ଼ ଲଦି ହୋଇ ଯାଉଛି। ମଦୁଆ ଗାଡ଼ିଚାଳକମାନଙ୍କୁ ଦମନ କରିବା ପାଇଁ ମୋଟର ଯାନ ଆଇନରେ କଡ଼ା ବ୍ୟବସ୍ଥା ଥିବାବେଳେ ତାହାର ଠିକଣା ଅନୁପାଳନ କରାଯାଉନାହିଁ। ରାଜ୍ୟ ସରକାର ପ୍ରତିବର୍ଷ ସଡ଼କ ସୁରକ୍ଷା ସପ୍ତାହ ପାଳନ ଅବସରରେ ବ୍ୟାପକ ଅର୍ଥ ବ୍ୟୟ କରୁଥିବାବେଳେ ବାସ୍ତବରେ ସରକାର ସଚେତନ ହେଉନଥିବାରୁ ଦୁର୍ଘଟଣା ଜନିତ କ୍ଷୟକ୍ଷତି ବଢୁଛି ବୋଲି ମଦମୁକ୍ତି ଅଭିଯାନରୁ ଜଣାଯାଏ।

ସଡ଼କ ଦୁର୍ଘଟଣାର ପ୍ରମୁଖ କାରଣ ହେଉଛି ମନୁଷ୍ୟକୃତ ତ୍ରୁଟି। କିନ୍ତୁ ଏହି ତ୍ରୁଟି ପାଇଁ ଖୋରାକ ଯୋଗାଉଛି ରାସ୍ତା କଡ଼ରେ ଉପଯୁକ୍ତ ସୂଚନା ଫଳକର ଅଭାବ। ଗୁରୁତ୍ୱପୂର୍ଣ୍ଣ ରାସ୍ତା କଡ଼ରେ ସୂଚନା ଫଳକ ବ୍ୟବସ୍ଥା ଠିକ ଭାବେ କାର୍ଯ୍ୟକାରୀ କରିବା ପାଇଁ ସୁପ୍ରିମକୋର୍ଟଙ୍କ ସଡ଼କ ସୁରକ୍ଷା କମିଟି ବାରମ୍ବାର ପରାମର୍ଶ ଦେଇ ଆସୁଥିଲେ। ତେବେ ସଡ଼କ ସୁରକ୍ଷା ଦିଗରେ ବଡ଼ ପଦକ୍ଷେପ ସ୍ୱରୂପ ରାଜ୍ୟର ଶତପ୍ରତିଶତ ସଡ଼କରେ ସଙ୍କେତ ବ୍ୟବସ୍ଥା ପାଇଁ ଅଣ୍ଟା ଭିଡ଼ିଛି ପରିବହନ ବିଭାଗ। ଏଥିପାଇଁ ପ୍ରଥମ ପର୍ଯ୍ୟାୟରେ ୩୦୦୦କିମି ରାସ୍ତାରେ ସଙ୍କେତ ବ୍ୟବସ୍ଥା ଆରମ୍ଭ ହେବ। ସଡ଼କ ସୁରକ୍ଷା ଦିଗରେ ସାଇନେଜ ଅବା ସୂଚନା ଫଳକର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଏହା ଗାଡ଼ି ଚାଳକମାନଙ୍କୁ ସମ୍ଭାବ୍ୟ ବିପଦ ସମ୍ପର୍କରେ ସୂଚନା ଦେଇଥାଏ। ଉପଯୁକ୍ତ ସଡ଼କ ଚିହ୍ନ ଏବଂ ଟ୍ରାଫିକ ସଙ୍କେତ, ସରଳ ସଡ଼କ ଇଞ୍ଜିନିୟରିଂ ପଦକ୍ଷେପ ଦୁର୍ଘଟଣାକୁ ବହୁ ମାତ୍ରାରେ ଦୂର କରିପାରିବ। କିନ୍ତୁ ତ୍ରୁଟିପୂର୍ଣ୍ଣ ସୂଚନା ଏବଂ ସିଗନାଲ ବ୍ୟବସ୍ଥା ସଡ଼କ ଦୁର୍ଘଟଣା ଏବଂ ଟ୍ରାଫିକ ଜାମ ପାଇଁ ଦାୟୀ। ତେବେ ବିଳମ୍ବରେ ହେଲେ ମଧ୍ୟ ପରିବହନ ବିଭାଗ ରାଜ୍ୟର ବ୍ୟସ୍ତବହୁଳ ରାସ୍ତାରେ ସଠିକ ସୂଚନା ଓ ସିଗନାଲ ବ୍ୟବସ୍ଥା କାର୍ଯ୍ୟକାରୀ କରିବା ପାଇଁ ପଦକ୍ଷେପ ନେଇଛି। ସୂଚନାଯୋଗ୍ୟ ଯେ ଓଡ଼ିଶାରେ ସଡ଼କ ଦୁର୍ଘଟଣା ଓ ମୃତାହତ ସଂଖ୍ୟା ହ୍ରାସ ପାଇବା ବଦଳରେ ବଢ଼ି ଚାଲିଛି। ପୂର୍ବ ବର୍ଷ ତୁଳନାରେ ଗତବର୍ଷ ସଡ଼କ ଦୁର୍ଘଟଣା ହାର ୧୨ ପ୍ରତିଶତ ବୃଦ୍ଧି ପାଇଛି। ସ୍ଥାନୀୟ ଅଞ୍ଚଳର ଗୁରୁତ୍ୱପୂର୍ଣ୍ଣ ଅଞ୍ଚଳକୁ ସଂଯୋଗ କରୁଥିବା ରାସ୍ତା, ମରାମତି ହେଉଥିବା ସ୍ଥାନ, ବ୍ଲାକ ସ୍ପଟ, ବିପଦପୂର୍ଣ୍ଣ ଅଞ୍ଚଳ ସମ୍ପର୍କରେ ସୂଚନା ଫଳକ ଲାଗିବା ଆବଶ୍ୟକ। ଏହା ଗାଡ଼ି ଚାଳକଙ୍କୁ ଆଗୁଆ ସତର୍କ କରିଥାଏ। ତେବେ ଓଡ଼ିଶାର ଏପରି ସୂଚନା ଓ ସିଗନାଲ ବ୍ୟବସ୍ଥାର ଘୋର ଅଭାବ ରହିଛି। ସିଂହଭାଗ ସୂଚନା ଫଳକ ଜରାଜୀର୍ଣ୍ଣ ହୋଇଛି। ଅନେକ ସୂଚନା ଫଳକରୁ ରଙ୍ଗ ଉଡିଗଲାଣି। ଜାତୀୟ ରାଜପଥ, ରାଜ୍ୟ ରାଜପଥ, ଗ୍ରାମ୍ୟ ଉନ୍ନୟନ ତଥା ପୂର୍ତ୍ତ ବିଭାଗ ପକ୍ଷରୁ ନିଜ ନିଜ ରାସ୍ତାରେ ଉପଯୁକ୍ତ ସୂଚନା ଫଳକ ନଥିବାରୁ ଅନେକ ଲୋକ ମୃତାହତ ହେଉଛନ୍ତି।




ଗତବର୍ଷ ଡିସେମ୍ବରରେ ଲୋକସଭାରେ କେନ୍ଦ୍ର ସରକାର କହିଛନ୍ତି ଯେ, ୨୦୨୨ରେ ଜାତୀୟ ରାଜପଥ ଓ ଏକ୍ସପ୍ରେସ ୱେ ଗୁଡ଼ିକରେ ଦୁର୍ଘଟଣା ଯୋଗୁଁ ୪୭,୯୪୪ ଜଣଙ୍କର ମୃତ୍ୟୁ ଘଟିଥିଲା। ୨୦୨୦ରେ ସେହି ସଂଖ୍ୟା ୫୩,୮୭୨ ଥଲା। ଜାତୀୟ ଅପରାଧ ରେକର୍ଡ଼ ବ୍ୟୁରୋ ତଥ୍ୟ ଅନୁସାରେ ୨୦୨୨ରେ ଦେଶରେ ସବୁପ୍ରକାର ରାସ୍ତା ଦୁର୍ଘଟଣାରେ ୧.୬୪ ଲକ୍ଷ ଲୋକଙ୍କର ମୃତ୍ୟୁ ଘଟିଥିଲା। ଜାତୀୟ ରାଜପଥଗୁଡ଼ିକରେ ଦୁର୍ଘଟଣାର ପ୍ରଧାନ କାରଣ ହେଲା ଦ୍ରୁତଗତିରେ ଗାଡ଼ି ଚଳାଚଳ, ମଦ ପିଇ ଗାଡ଼ି ଚଳାଇବା, ଭୁଲ ପଟେ ବା ରଂ ସାଇଡରେ ଗାଡ଼ି ଚଳାଚଳ, ଯାନବାହନ ଡିଜାଇନରେ ତ୍ରୁଟି ଓ ଗାଡ଼ି ଗୁଡ଼ିକର ଖରାପ ଅବସ୍ଥା, ରାସ୍ତା ନିର୍ମାଣରେ ବୈଷୟିକ ତ୍ରୁଟି ଏବଂ ମୋବାଇଲ ଫୋନ ବ୍ୟବହାର। ୨୦୨୨ରେ ଯେତିକି ଦୁର୍ଘଟଣା ଜନିତ ମୃତ୍ୟୁ ଘଟିଥିଲା ସେଥିରୁ ୭୦ ପ୍ରତିଶତ ଗାଡ଼ି ସ୍ପିଡ ଅଧିକ ଥିବାରୁ ହୋଇଥିଲା। ରାଜପଥରେ ଟ୍ରାଫିକ ନିୟନ୍ତ୍ରଣ କରିବା ସହ ଆଇନ ଉଲ୍ଲଂଘନକାରୀଙ୍କୁ ଦଣ୍ଡ ଦେବା ସକାଶେ ବୈଷୟିକ କୌଶଳର ଅଧିକ ବ୍ୟବହାର କରିବାକୁ ପଡ଼ିବ। ତଦ୍ୱାରା ଦୋଷୀ ଡ୍ରାଇଭର ମାନଙ୍କର ତ୍ରୁଟିକୁ ତତକ୍ଷଣାତ ଧରାଯାଇପାରିବ ଏବଂ ସେମାନଙ୍କ ପାଖକୁ ଚାଲାଣ ପଠାଇ ହେବ। ସଡ଼କ ଦୁର୍ଘଟଣା ପାଇଁ ଓଡ଼ିଶାରେ ଏହି ନୂଆ ସୂଚନା ଓ ସଙ୍କେତ ବ୍ୟବସ୍ଥା ଦୁର୍ଘଟଣା ହ୍ରାସ ସହ ସଚେତନତା ମଧ୍ୟ ସୃଷ୍ଟି କରିବ।

# ଦୁର୍ଘଟଣା ମୃତ୍ୟୁ କମିପାରିବ

ସୂଚନା ପ୍ରଯୁକ୍ତିର ବୈପ୍ଳବିକ ପ୍ରଗତି, ଡିଜିଟାଲ ଇଣ୍ଡିଆର ଭେଲିକି, ସଚେତନତା ପାଇଁ କୋଟି କୋଟି ଟଙ୍କାର ଟଙ୍କା ଶ୍ରାଦ୍ଧ ହୋଇ ବି ଉଦ୍‌ବେଗଜନକ ଭାବରେ ସଡ଼କ ଦୁର୍ଘଟଣାରେ ଅନେକଙ୍କ ଜୀବନ ଦୀପ ନିର୍ବାପିତ ହୋଇଯାଉଛି। ନିକଟରେ ଜାତୀୟ ଅପରାଧ ରେକର୍ଡ଼ ବ୍ୟୁରୋ ତଥ୍ୟ ଅନୁଯାୟୀ ଭାରତରେ ଗୋଟିଏ ଘ । ଭିତରେ ସେଥିରେ ପାଖାପାଖି ୧୬ଜଣଙ୍କ ପ୍ରାଣହାନୀ ହୋଇଛି। ଏହି ପରିସଂଖ୍ୟାନକୁ ହିସାବ କଲେ ଭାରତରେ ପ୍ରତିଦିନ ୩୮୪ଜଣଙ୍କ ଜୀବନ ହାନୀ ହେଉଛି। କେବଳ ଗତବର୍ଷ ସମଗ୍ର ଭାରତରେ ୪ଲକ୍ଷ ୫୦ ହଜାରରୁ ଊର୍ଦ୍ଧ୍ୱ ସଡ଼କ ଦୁର୍ଘଟଣାରେ, ୧ଲକ୍ଷ ୪୦ ହଜାରରୁ ଅଧିକ ଲୋକଙ୍କ ପ୍ରାଣହାନୀ ହେବା ସହ ୫ଲକ୍ଷ ପାଖାପାଖି ଲୋକେ ଗୁରୁତର ଭାବେ ଆହତ ହେଉଛନ୍ତି। କେତେକ ବିକଳାଙ୍ଗ ହୋଇ ସାରା ଜୀବନ ବିତାଉଥିବାର ଛାତିଥରା ଘଟଣାଟି ହେଉଛି ଏହା। ସମଗ୍ର ପୃଥିବୀରେ ଅନ୍ୟ ରାଷ୍ଟ୍ର ତୁଳନାତ୍ମକ ପରିସଂଖ୍ୟାନରେ ଭାରତର ରାସ୍ତା ସବୁଠାରୁ ଅଧିକ ଦୁର୍ଘଟଣା ପ୍ରବଣ। ଦେଶରେ ଘଟିଥିବା ଦୁର୍ଘଟଣା ସଂଖ୍ୟା ଥିଲା ପ୍ରାୟ ୫ ଲକ୍ଷ ଏବଂ ଏଥିରେ ୧ ଲକ୍ଷରୁ ଅଧିକ ଲୋକଙ୍କ ମୃତ୍ୟୁ ହୋଇଥିଲା । ସଡ଼କ ଦୁର୍ଘଟଣାର ଭୟାବହତାର ତଥ୍ୟ ଯାହା ଅନେକ ହତଭାଗ୍ୟଙ୍କ ବ୍ୟ ିଗତ କ୍ଷେତ୍ର ଠାରୁ ପାରିବାରିକ କ୍ଷେତ୍ର କ୍ଷତିଗ୍ରସ୍ତ ହୋଇଥାଏ। ସଡ଼କ ଦୁର୍ଘଟଣାକୁ କେତେକାଂଶରେ ରୋକିବା ପାଇଁ ସରକାରୀ ଓ ବେସରକାରୀ କ୍ଷେତ୍ରରେ ବହୁତ କିଛି କାର୍ଯ୍ୟ ହେଉଥିବାର ଢୋଲ ପିଟାଯାଉଛି। କିନ୍ତୁ କିଛି ଫଳ ମିଳୁ ଥିବାର ତ ଦେଖାଯାଉନାହିଁ? ତେବେ ଆଉ ଗୋଟିଏ ଉଦ୍‌ବେଗ ଜନକ ପ୍ରସଙ୍ଗ ହେଉଛି ଯେ ଘଟଣାସ୍ଥଳରେ ମୁମୂର୍ଷୁ ହୋଇଥିବା ଲୋକଟିକୁ ତତ୍କାଳ ଚିକିତ୍ସାଳୟକୁ ନେଇ ପାରିଲେ ହୁଏତ କିଛି ଲୋକଙ୍କ ଜୀବନ ଅନ୍ତତଃ ବ ୍ଯାଇପାରନ୍ତା। ଏଥିପାଇଁ ଆବଶ୍ୟକ ଦୁର୍ଘଟଣାର ଆହତଙ୍କୁ ଠିକଣା ସମୟରେ ଚିକିତ୍ସା ଏବଂ ସର୍ବନିମ୍ନ ସଡ଼କ ସୁରକ୍ଷା ନିୟମର ପାଳନ । ଆଇନ କମିସନଙ୍କ ଏକ ରିପୋର୍ଟ ଅନୁଯାୟୀ ସଡ଼କ ଦୁର୍ଘଟଣାର ଶିକାର ହୋଇ ପ୍ରାଣ ହରାଉଥିବା ବ୍ୟକ୍ତିଙ୍କ ମଧ୍ୟରୁ



ପ୍ରାୟ ଅଧା ଲୋକଙ୍କ ଜୀବନ ରକ୍ଷା ହୋଇପାରନ୍ତା, ଯଦି ସେମାନଙ୍କୁ ଠିକଣା ସମୟରେ ଚିକିତ୍ସା ସୁବିଧା ମିଳି ପାରନ୍ତା । କିନ୍ତୁ ଦୁର୍ଭାଗ୍ୟର ବିଷୟ ହେଲା ଅନେକ କ୍ଷେତ୍ରରେ ଦୁର୍ଘଟଣାରେ ଶିକାର ବ୍ୟକ୍ତିଙ୍କୁ ଠିକଣା ସମୟରେ ଚିକିତ୍ସା ସୁବିଧା ମିଳି ପାରୁନାହିଁ । ଏଥିପାଇଁ ଜରୁରୀ ଆମ୍ବୁଲାନ୍ସ ସେବାର ଅଭାବ ମୁଖ୍ୟତଃ ଦାୟୀ ହୋଇଥିଲେ ସୁଦ୍ଧା ଆଇନଗତ ସମସ୍ୟା ମଧ୍ୟ ଏ କ୍ଷେତ୍ରରେ ଏକ ବାଧକ । ରାଜ୍ୟ ସରକାରଙ୍କ ୧୦୮ ଆମ୍ବୁଲାନ୍ସ ବି ଏହି ଦୁର୍ଘଟଣାଗ୍ରସ୍ତଙ୍କ ପାଇଁ ସେତେଟା ସେବା ଯୋଗାଇ ପାରୁନଥିବାର ଅଭିଯୋଗ ବିଭିନ୍ନ ସମୟରେ ହୋଇଥାଏ। ଆମ ଆଇନ ବ୍ୟବସ୍ଥା ଏମିତି ଯେ, ଏହା ଦୁର୍ଘଟଣାରେ ଶିକାର ଆହତଙ୍କୁ ସହାୟତା କରିବା ଲାଗି ଉତ୍ସାହିତ କରିବା ପରିବ ର୍ତ୍ତେ ନିରୁତ୍ସାହିତ କରୁଛି । ପୁଲିସ୍ ଏବଂ ଅଦାଲତରେ ହଇରାଣ ହରକତ ହେବା ଭୟରେ ଅନେକ ବ୍ୟକ୍ତି ଦୁର୍ଘଟଣାରେ ଆହତଙ୍କୁ ସହାୟତା କରିବାରୁ କ୍ଷାନ୍ତ ହୁଅନ୍ତି । ସହାୟତାକାରୀଙ୍କୁ ସୁରକ୍ଷା ପ୍ରଦାନ ଲାଗି ଆଗତ ଏକ ଜନସ୍ୱାର୍ଥ ମାମଲା ୨୦୧୧ରୁ ସୁପ୍ରିମକୋର୍ଟରେ ବିଚାରାଧୀନ ରହିଛି । ଏ ବିଷୟରେ କୋର୍ଟ ଏକ କମିଟି ଗଠନ କରିଥିଲେ ସୁଦ୍ଧା କିଛି ଚୂଡ଼ାନ୍ତ ହୋଇ ନାହିଁ । ପ୍ରକ୍ରିୟା ତ୍ୱରାନ୍ୱିତ କରାଯାଇ ସହାୟତାକାରୀଙ୍କୁ ସୁରକ୍ଷା ପ୍ରଦାନ ଲାଗି ଆଇନ ଓ ନିୟମର ଆବଶ୍ୟକ ସଂଶୋଧନ ହେବା ଏକାନ୍ତ ଆବଶ୍ୟକ । ସଡ଼କ ଦୁର୍ଘଟଣାର ବିଭିନ୍ନ କାରଣ ଭିତରେ ନିଶାଦ୍ରବ୍ୟ ସେବନ ପ୍ରଥମ। ମାନ୍ୟବର କୋର୍ଟ ପ୍ରଥମେ ଜାତୀୟ ରାଜପଥ କଡ଼ରୁ ମଦ ଦୋକାନ ହଟାଇବା ପାଇଁ ନିର୍ଦ୍ଦେଶ ଦେଇଥିଲେ ବି ମାନ୍ୟବର ନ୍ୟାୟାଳୟର ରାୟ ସରକାରଙ୍କ ନାଲିଫିତା ତଳେ ବନ୍ଧା ହୋଇ ଯାହା ଧୂଳି ହିଁ ଖାଉଛି। ସେହିପରି ଆମ ସଡ଼କର ଗୁଣାତ୍ମକ ମାନ ଭଲ ରହୁନଥିବାରୁ ରାସ୍ତା ଦବି ଯିବା ଦ୍ୱାରା ବା ଫାଟ ସୃଷ୍ଟି ହେବା ଦ୍ୱାରା ବିଭିନ୍ନ ସମୟରେ ଦେଖାଯାଇଥାଏ। ଗତ ନବକଳେବର ମହାପ୍ରଭୁଙ୍କ ଘୋଷଯାତ୍ରା ପୂର୍ବରୁ କେନ୍ଦ୍ରୀୟ ପାଣ୍ଠି ସହଯୋଗରେ ପୁରୀ ରାସ୍ତା ଯେଉଁପରି ଗୁଣାତ୍ମକମାନର ହୋଇଥିଲା ତାହାର ପ୍ରମାଣ ଗୋଟିଏ ଦିନ ଭିତରେ ହିଁ ପୁରୀବାସୀ ପାଇଗଲେ! ଏହାକୁ ଏକ ସଦ୍ୟତମ ଉଦାହରଣ କୁହାଯାଇପାରେ। ସେହିପରି ଗାଡ଼ି ଚାଳକମାନେ ଯଥେଷ୍ଟ ଭାବରେ ନିଦ୍ରାରେ ଯାଉଥିବାରୁ ଏହା ବି ଏକ କାରଣ। ସେହିପରି ମାତ୍ରାଧିକ ବେଗରେ ଗାଡ଼ି ଚାଳନା, ଯୁବକମାନଙ୍କ ଭିତରେ ଡେୟାର ଡ୍ରାଇଭିଂ, ବିନା ହେଲମେଟ ବ୍ୟବହାର, ବଡ଼ଯାନର ସିଟ ବେଲଟ୍ ବ୍ୟବହାର ନ ହେଉଥିବାର, ଟ୍ରାଫିକ ନିମୟ ସମ୍ପର୍କରେ ସଚେତନ ନହୋଇଥିବାରୁ ଏହା ବି ଏକ ପ୍ରକାର କାରଣ। ତେବେ ଏ ନେଇ ସରକାରଙ୍କ ଉପରେ ସବୁଯାକ ଦୋଷ ଲଦିଲେ ଏପରି ଏକ ଉଦ୍‌ବେଗଜନକ ପ୍ରସଙ୍ଗର ଅନ୍ତଃ ଘଟିପାରିବ ନାହିଁ। ସର୍ବୋପରି ଆମ ସମସ୍ତଙ୍କର ସଚେତନତା ସୃଷ୍ଟି ପାଇଁ ସହଯୋଗର ହାତ ବଢ଼ାଇବା ବି ନିହାତି ଜରୁରୀ।


# ଆଦିବାସୀଙ୍କ ଦାମୋଦର ପର୍ବରେ ବୈତରଣୀ ନଦୀରେ ଅସ୍ଥି ବିସର୍ଜନ



ଘଷିପୁରା (ପିଏନ୍): ଆନନ୍ଦପୁର ବୈତରଣୀ ନଦୀର ଝଡେଶ୍ୱର ଓ ଆମରଙ୍ଗ ଘାଟରେ ଆଦିବାସୀଙ୍କ ଦାମୋଦର ପର୍ବ ଉପଲକ୍ଷେ ପରମ୍ପରା ଅନୁଯାୟୀ ଅସ୍ଥି ବିସର୍ଜନ ଓ ପିଣ୍ଡ ଦର୍ପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ପ୍ରତ୍ୟେକ ବର୍ଷ ଡିସେମ୍ବର ମାସ ୩୦ ତାରିଖ ଦିନ ଆଦିବାସୀଙ୍କର ଦାମୋଦର ପର୍ବ ପାଳନ କରାଯାଉଥିବା ବେଳେ ଆଦିବାସୀ ସଂପ୍ରଦାୟର ମୃତ୍ୟୁବରଣ କରିଥିବା ବ୍ୟକ୍ତିମାନଙ୍କ ଆତ୍ମାର ସଦ୍‌ଗତି ପାଇଁ ପିଣ୍ଡ ଦର୍ପଣ ଓ ଅସ୍ଥି ବିସର୍ଜନ କରିଥାନ୍ତି । ଚଳିତ ବର୍ଷ ଝଡେଶ୍ୱର ଓ ଆମରଙ୍ଗ ଘାଟରେ କେନ୍ଦୁଝର, ମୟୁରଭଂଜ, ଢେଙ୍କାନାଳ ଓ ଯାଜପୁର ଅଂଚଳର ହଜାର ହଜାର ଆଦିବାସୀ ସାନ୍ତାଳୀ ସମ୍ପ୍ରଦାୟର ଲୋକମାନେ ନିଜର ପିତୃପୁରୁଷଙ୍କ ପିଣ୍ଡଦର୍ପଣ ଓ ଅସ୍ଥି ବିସର୍ଜନ କରି କୁଳଦେବତା ମାରାଂଗୁରୁଙ୍କୁ ଦର୍ଶନ କରିଥିଲେ । ଝଡେଶ୍ୱରଠାରେ ଅନୁଷ୍ଠିତ ଦାମୋଦର ପର୍ବରେ ବିଧାୟକ ଭାଗିରଥି ସେଠି, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଦେବାଶିଷ ପାତ୍ର, ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧ୍ୟକ୍ଷ ଲକ୍ଷ୍ମୀ ନାୟକ, ସାନ୍ତାଳୀ ସମ୍ପ୍ରଦାୟର ସଭାପତି ଉଦୟ ଟୁଡୁ, ସମ୍ପାଦକ ଜିତେନ୍ଦ୍ର ବେସ୍ରା, ଲକ୍ଷ୍ମଣ ମୁର୍ମୁ, ସାଲେଖ ଟୁଡୁ, ବିପିନ ବିହାରୀ ହାଁସଦା, ସୁକାମ ମାଝୀ ପ୍ରମୁଖ ଯୋଗ ଦେଇଥିଲେ ।

## ହସ୍ତଶିଳ୍ପ ପ୍ରଦର୍ଶନୀ ଉଦ୍‌ଘାଟିତ

ଧର୍ମଶାଳା (ପିଏନ୍): ଜାରକା ଧର୍ମଶାଳା ମହୋତ୍ସବ ପଡ଼ିଆ ନିକଟରେ ଗତ ମାସ ୩୧ ତାରିଖଠାରୁ ହସ୍ତଶିଳ୍ପ ପ୍ରଦର୍ଶନୀ ଆରମ୍ଭ



ହୋଇଥିଲା । ଯାଜପୁର ହସ୍ତଶିଳ୍ପ ସହକାରୀ ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟ ପକ୍ଷରୁ ଆୟୋଜିତ ପ୍ରଦର୍ଶନୀକୁ ଧର୍ମଶାଳାର ପୂର୍ବତନ ବିଧାୟକ ତଥା ଖଦିବୋର୍ଡ ନିର୍ଦ୍ଦେଶକ ରବି ଲାବଣ୍ୟ ଉଦ୍‌ଘାଟନ କରିଥିଲେ । ଓଡିଶା ସରକାରଙ୍କ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ ଓ ଭୁବନେଶ୍ୱରର ହସ୍ତଶିଳ୍ପ ନିର୍ଦ୍ଦେଶାଳୟ ସହଯୋଗରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ଯାଜପୁର ଜିଲ୍ଲା ହସ୍ତଶିଳ୍ପ ସହକାରୀ ନିର୍ଦ୍ଦେଶକ ପ୍ରକାଶ ଚନ୍ଦ୍ର ମହାନ୍ତି, ହସ୍ତଶିଳ୍ପ ବିଭାଗ ଓଏସ୍‌ଡ଼ି ଶେଷଦେବ ରାଉତରାୟ, ଜିଲ୍ଲା ହସ୍ତଶିଳ୍ପ ବିକାଶ ଅଧିକାରୀ କମଳଲୋଚନ ସାହୁ ଓ ଅନ୍ୟତମ ଅଧିକାରୀ କଲ୍ୟାଣ ଟୁଡୁ ଅତିଥିଭାବେ ଯୋଗ ଦେଇଥିଲେ । ରାଜ୍ୟ ସରକାରଙ୍କ ହସ୍ତଶିଳ୍ପ କାରିଗରମାନଙ୍କ ଆତ୍ମନିଯୁକ୍ତି ପାଇଁ ବିଭିନ୍ନ ଯୋଜନା କରିଥିବାରୁ ମୁଖ୍ୟଅତିଥି ଶ୍ରୀ ଲାବଣ୍ୟ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ପ୍ରଶଂସା କରିଥିଲେ । ପ୍ରଦର୍ଶନୀରେ ଚାନ୍ଦୁଆ, କାଇଁଚ, ଝୋଟ, ବେତ ଓ ବାଉଁଶ, ପ୍ରସ୍ତର ଶିଳ୍ପ, କାଷ୍ଠ ଖୋଦେଇ, ଧାନରୁ ପ୍ରସ୍ତୁତ ସାମଗ୍ରୀ, କଂସା ପିତଳ, ଟେରାକୋଟା ଆଦି ବିଭିନ୍ନ ହସ୍ତଶିଳ୍ପ ସାମଗ୍ରୀର ଷ୍ଟଲ ଖୋଲାଯାଇଥିଲା । ଯାଜପୁର ଜିଲ୍ଲାର ୩୦ ଜଣ କାରିଗର ଏହି ପ୍ରଦର୍ଶନୀରେ ଅଂଶଗ୍ରହଣ କରିଥିଲେ । ଜାନୁଆରୀ ମାସ ୪ ତାରିଖ ପର୍ଯ୍ୟନ୍ତ ଏହି ପ୍ରଦର୍ଶନୀ ଚାଲୁ ରହିଥିଲା ବୋଲି ସହକାରୀ ହସ୍ତଶିଳ୍ପ ନିର୍ଦ୍ଦେଶକ ଶ୍ରୀ ମହାନ୍ତି ସୂଚନା ଦେଇଥିଲେ ।

# ପ ାୟତ ସ୍ତରୀୟ ବିଶ୍ୱଜିତ ସ୍ମାରକୀ କ୍ରିକେଟ୍ ଟୁର୍ଣ୍ଣାମେ ଉଦ୍‌ଯାପିତ

ହରିଚନ୍ଦନପୁର (ପିଏନ୍): ହରିଚନ୍ଦନପୁର ବ୍ଲକ ଅନ୍ତର୍ଗତ ହରିଚନ୍ଦନପୁର ବାଳକ ଉଚ୍ଚ ବିଦ୍ୟାଳୟ ମିନି ଷ୍ଟାଡିୟମ୍ ଠାରେ ବଜରଙ୍ଗୀ ସେବା କ୍ଲବ ଅନୁକୂଲ୍ୟରେ ପଂଚାୟତ ସ୍ତରୀୟ ପ୍ରଥମ ବାର୍ଷିକୀ ବିଶ୍ୱଜିତ ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେ ଉଦ୍‌ଯାପିତ ହୋଇଯାଇଛି । ଏହି ଟୁର୍ଣ୍ଣାମେ ରେ ୨୫ଟି ପଂଚାୟତର ୩୨ଟି ଦଳ ଅଂଶଗ୍ରହଣ କରିଥିବା ବେଳେ ଫାଇନାଲ ମ୍ୟାଚ୍ ବକ୍ସିବାରିଗାଁ ଏବଂ ପିଠାଗୋଳା ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଏଥିରେ ବକ୍ସିବାରିଗାଁ ଦଳ ଟସ୍ ଜିତି ପ୍ରଥମେ ବୋଲିଂ କରିଥିଲେ । ପିଠାଗୋଳା ଦଳ ବ୍ୟାଟିଂ କରି ନିର୍ଦ୍ଧାରିତ ୧୫ଓଭରରେ ସମସ୍ତ ୱିକେଟ୍ ହରାଇ ମାତ୍ର ୬୩ ରନ୍ କରିଥିବା ବେଳେ ଏହାର ଜବାବରେ ବକ୍ସିବାରିଗାଁ ଦଳ ୧୨ ଓଭର ୧ ବଲରେ ୬ ୱିକେଟ୍ ହରାଇ ୬୯ରନ୍ ସଂଗ୍ରହ କରି ଚଳିତ ବର୍ଷ ଚମ୍ପିଆନ୍ ହୋଇଛି । ବକ୍ସିବାରିଗାଁ ଦଳର ମାନସ ମ୍ୟାନ୍ ଅଫ୍ ଦ ମ୍ୟାଚ୍ ଏବଂ ମ୍ୟାନ୍ ଅଫ୍ ଦ ସିରିଜ ହୋଇଥିଲେ । ଏହି ଟୁର୍ଣ୍ଣାମେ ରେ ମୁଖ୍ୟଅତିଥି ଭାବେ ବିଜେଡି ରାଜ୍ୟ ସାଧାରଣ ସମ୍ପାଦକ ଧନୁର୍ଜୟ ସିଦ୍ଧୁ ଯୋଗ ଦେଇଥିବା ବେଳେ ସମ୍ମାନୀତ ଅତିଥି ଭାବେ ଓଡିଆ ଚଳଚ୍ଚିତ୍ର ଅଭିନେତ୍ରୀ ପ୍ରିୟା ଚୌଧୁରୀ, ସମାଜସେବୀ ରତିକାନ୍ତ ବରାଳ, ହାସ୍ୟ ଅଭିନେତା ଯଦୁମଣି ମହାନ୍ତ, ସେରେଣ୍ଡା ସରପଂଚ ସସ୍ମିତା ସିଦ୍ଧୁ ପ୍ରମୁଖ ଯୋଗ ଦେଇଥିଲେ । ଚମ୍ପିୟାନ ବକ୍ସିବାରିଗାଁ ଦଳକୁ ୨୦ହଜାର ଟଙ୍କା ଅର୍ଥ ରାଶି ସହି ଟ୍ରଫି ଏବଂ ରନର୍ସ ଅପ୍ ପିଠାଗୋଳା ଦଳକୁ ୧୫ହଜାର ଟଙ୍କା ଅର୍ଥ ରାଶି ସହିତ ଟ୍ରଫି ପ୍ରଦାନ କରାଯାଇଥିଲା । ଦୁଇ ସେମିଫାଇନାଲ ଦଳକୁ ୨୫ହଜାର ଟଙ୍କା ପୁରସ୍କୃତ କରାଯାଇଥିଲା । ଅମ୍ପାୟାର ଭାବେ ପ୍ରାଣନାଥ ଜେନା, ଆଶୁତୋଷ ପାଢୀ ଖେଳ ପରିଚାଳନା କରିଥିବା ବେଳେ ସ୍କୋରର ଭାବେ ରଂଜିତ ମାଇତି, ସୁବ୍ରତ ପରିଡା, ଦିବ୍ୟାଂଶୁ ଶେଖର ମହାନ୍ତ ରହିଥିଲେ । ବୁବୁ ସେନା, ବାପୁନ ସାହୁ ଖେଳର ଧାରାବିବରଣୀ ପ୍ରଦାନ କରିଥିବା ବେଳେ ବଜରଙ୍ଗୀ ସେବା କ୍ଲବର ସଭାପତି ପ୍ରଦୀପ ସାହୁ, ସମ୍ପାଦକ ପ୍ରଦୀପ ପଣ୍ଡା, ଅଭୟ ରଥ, ମାନୁ ସାହୁ, ସୁରେନ୍ଦ୍ର ମଣ୍ଡଳ, ଭୂପତି ସାହୁ, ବବୁଲ ବାରିକ, ରିଙ୍କୁ ସାହୁ ପ୍ରମୁଖ ସଦସ୍ୟ ଉପସ୍ଥିତ ରହି ସହଯୋଗ କରିଥିଲେ । ଏହି କ୍ରିକେଟ ଖେଳକୁ ଦେଖିବାକୁ ହଜାର ହଜାର ସଂଖ୍ୟାରେ ଦର୍ଶକ ଉପସ୍ଥିତ ଥିଲେ ।

## କେନ୍ଦୁଝରରେ ଦିଗହରା ଜନଶିକ୍ଷା ସଂସ୍ଥାନ ପ୍ରକଳ୍ପ

କେନ୍ଦୁଝର (ପିଏନ୍): ଆଦିବାସୀ ବହୁଳ କେନ୍ଦୁଝର ଜିଲ୍ଲାରେ କେନ୍ଦ୍ର ସରକାରଙ୍କର ଏକ ଜନଶିକ୍ଷା ସଂସ୍ଥାନ ପ୍ରକଳ୍ପ ଚାଲୁଅଛି। ଦୀର୍ଘଦିନ ଧରି ଉକ୍ତ ପ୍ରକଳ୍ପ ଚାଲୁଥିଲେ ମଧ୍ୟ ଏହି ଜିଲ୍ଲାର ଯୁବକ ଯୁବତୀମାନେ ବିଭିନ୍ନ ଧନ୍ଦାମୂଳକ ଶିକ୍ଷାରୁ ବ ୍ତ ହେଉଛନ୍ତି, ଯଥା - କମ୍ପ୍ୟୁଟର ଶିକ୍ଷା, ଟେଲରିଂ, ଛତୁଚାଷ, ଫିନାଇଲ ପ୍ରସ୍ତୁତି ଇତ୍ୟାଦି। ଏହାଦ୍ୱାରା ଆଦିବାସୀ ଅ ଳରେ ବହୁ ଯୁବକଯୁବତୀ ରୋଜଗାରକ୍ଷମ ହୋଇପାରୁନାହାଁନ୍ତି। ଫଳରେ ଗଭୀର ଅସନ୍ତୋଷ ବୃଦ୍ଧି ପାଇବା ସହିତ ସ୍ଥାନୀୟ ଗ୍ରାମବାସୀ ଏଥିପ୍ରତି ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଆଭିମୁଖ୍ୟ ଦାୟୀ ବୋଲି ମତବ୍ୟକ୍ତ କରିଛନ୍ତି। ଉକ୍ତ ପ୍ରକଳ୍ପଟି ଠିକ୍ ଭାବରେ କାର୍ଯ୍ୟ କରୁ ନଥିବାରୁ ଏହା ମୂଳଲକ୍ଷ୍ୟଠାରୁ ଦୂରେଇ ଯାଇଛି ବୋଲି ସ୍ଥାନୀୟ ଜନସାଧାରଣ, ଗ୍ରାମବାସୀ ଅଭିଯୋଗ କରିଛନ୍ତି।

## ନଣ୍ଡାବର ଗାଁ ମହୋତ୍ସବ ଉଦ୍‌ଯାପିତ, ପ୍ରତିଭାବାନ ମୁରବୀ ହେଲେ ସମ୍ବର୍ଦ୍ଧିତ



ଘଷିପୁରା (ପିଏନ୍):ଘଷିପୁରା ବ୍ଲକ ଅନ୍ତର୍ଗତ ନଣ୍ଡାବର ଗ୍ରାମରେ ତିନିଦିନ ଧରି ଅନୁଷ୍ଠିତ ହୋଇଥିବା ଗାଁ ମହୋତ୍ସବ ଉଦ୍‌ଯାପିତ ହୋଇଯାଇଛି । ଗ୍ରାମର ଉଦ୍ୟମୀ ଯୁବକ ଜ୍ୟୋତି ପ୍ରକାଶ ଯେନାଙ୍କ ପ୍ରଚେଷ୍ଟାରେ ଚଳିତ ବର୍ଷ ଠାରୁ ପୂଜ୍ୟପୂଜା ସମ୍ମାନ ଆରମ୍ଭ ହୋଇଛି । ଗ୍ରାମର ଉନ୍ନତି ଏବଂ ବିକାଶରେ ସମର୍ପିତ ହୋଇଥିବା ବୟୋଜ୍ୟେଷ୍ଠ ମୂରବୀ କ୍ଷେତ୍ରବାସୀ ବେହେରା, ଭୀମସେନ୍ ବାରିକ, ଲକ୍ଷ୍ମଣ ଯେନା, ନିରଂଜନ ଯେନା, ନାଣ୍ଟୁ ଯେନା, ସମାଜସେବୀ ଅଜିତ ଧୀର, ସୌମେନ୍ଦ୍ର ଧୀର, ସୁଜିତ କୁମାର ଧୀର, ଶିକ୍ଷକ ସଂଜୀବ ଜେନା, ବନପାଳ ମୟଳ କୁମାର ସାହୁ, ଫରେଷ୍ଟଗାର୍ଡ ଅବିନାଶ ପରିଡାଙ୍କ ସହ ସାମ୍ବାଦିକ ଗତିକୃଷ୍ଣ ଭୂୟାଁଙ୍କୁ ଗ୍ରାମବାସୀର ପୂଜ୍ୟପୂଜା କମିଟି ପକ୍ଷରୁ ପୁଷ୍ପଗୁଚ୍ଛ ସହ ଉ ରୀୟ ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା । ନଣ୍ଡାବର ଗ୍ରାମଟି ବଣପାହାଡ ଘେରା ଏକ ଉପାନ୍ତ ଅଂଚଳ ହୋଇଥିଲେ ମଧ୍ୟ ଦୋଳ, ରାହାସ ପୂର୍ଣ୍ଣମୀ, ଅଗ୍ନି ଉତ୍ସବରେ ସମସ୍ତେ ଏକଜୁଟ୍ ହୋଇ ଗ୍ରାମର ବିକାଶ ଦିଗରେ ଭେଦଭାବ ଭୁଲି ଏକକାର ହୋଇ ସ୍ଥାନୀୟ ଅଂଚଳ ପାଇଁ ଜ୍ୱଳନ୍ତ ଉଦାହରଣ ସାଜିଛନ୍ତି । ଏହି କାର୍ଯ୍ୟକ୍ରମରେ ଗ୍ରାମର ସୁଦର୍ଶନ ଯେନା, ବିଦ୍ୟାଧର ଯେନା, କୃଷ୍ଣଚନ୍ଦ୍ର ପରିଡା, ବସନ୍ତ ଦାସ, ଦୈତାରୀ ଯେନା, ନରେନ୍ଦ୍ର ବାରିକ, ପଦ୍ମନାଭ ଯେନା, ଅଭିମନ୍ୟୁ ଯେନାଙ୍କ ସମେତ ସମସ୍ତ ଯୁବକ ସକ୍ରିୟ ସହଯୋଗ କରିଥିଲେ ।




# ସଂରକ୍ଷିତ ଜଙ୍ଗଲରୁ ଟ୍ରାକ୍ଟର ଜବତ୍ କରି ବନବିଭାଗ ଛାଡିଦେଲା

କେନ୍ଦୁଝର(ପିଏନ)- କେନ୍ଦୁଝର ସଦର ରେଞ୍ଜ ନେଲୁଙ୍ଗ ସଂରକ୍ଷିତ ଜଙ୍ଗଲ ଅନ୍ତର୍ଗତ ଭାଲଘର ନାଳରୁ ବେଆଇନଭାବେ ବାଲି ଲୋଡ କରୁଥିବା ଏକ ଟ୍ରାକ୍ଟରକୁ ବନ ବିଭାଗ ଜବତ୍ କରି ପରେ ଛାଡି ଦେବା ଚର୍ଚ୍ଚାର ବିଷୟ ହୋଇଛି। ଟାଉନ ଫରେଷ୍ଟ ସେକ୍ସନ ଅନ୍ତର୍ଗତ ସଂରକ୍ଷିତ ଜଙ୍ଗଲ ଭିତରେ ଥିବା ଭାଲୁଘର ନାଳରୁ ଗୁରୁବାର ଅପରାହ୍ନରେ ବାଲି ଚୋରୀ ହେଉଥିବା ଖବର ପାଇ ସଦର ରେଞ୍ଜର ଅରବିନ୍ଦ ନାୟକ,ଟାଉନ ଫରେଷ୍ଟର ଭୂପତି ସେଠୀ,ବେଲଦା ଫରେଷ୍ଟ ଗାର୍ଡ ମିତ୍ରଭାନୁ ନାୟକ ଅନ୍ୟ ବନ କର୍ମଚାରୀଙ୍କ ସହ ଘଟଣାସ୍ଥଳକୁ ଯାଇ ବାଲି ବୋଝେଇ ଟ୍ରାକ୍ଟର ଗାଡି ଜବତ୍ କରିଥିଲେ। ପରେ ଜବତ୍ ଟ୍ରାକ୍ଟରକୁ ନରଣପୁର ଫରେଷ୍ଟ ଡିପୋରେ ରଖାଯାଇଥିଲା। ତେବେ ଶନିବାର ଦିନ ଭୋର ସମୟରେ ବନ କର୍ମଚାରୀ ଏବଂ ମାଫିଆ ମଧ୍ୟରେ ମୂଲଚାଲ ହେବା ପରେ ଉକ୍ତ ଗାଡିକୁ ଛାଡି ଦିଆଯାଇଥିବା ଅଭିଯୋଗ ହୋଇଛି। ନରଣପୁର ଫରେଷ୍ଟ ଡିପୋ ଭିତରେ ଥିବା ଟ୍ରାକ୍ଟର ଜବତ୍ ସମୟରେ ରେଜିଷ୍ଟ୍ରର ରେ ଲେଖା ଯାଇନଥିବାବେଳେ ସିଜର ଲିଷ୍ଟ କରାଯାଇନାହିଁ। ତେବେ ବିନା ଜିମାନାମରେ ଗାଡି କିପରି ଛଡା କିପରି ଛଡାଗଲା ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏ ନେଇ ଏସିଏଫ ଘନଶ୍ୟାମ ମହାନ୍ତଙ୍କ ସହ ଯୋଗଯୋଗ କରିବାରୁ ଗାଡି ଜବତ୍ ସମୟରେ ମୋତେ ଅବଗତ କରିନଥିବା କହିଛନ୍ତି। ଡିଏଫଓ ସ୍ୱୟମ ମଲ୍ଲିକଙ୍କ ସହ ଯୋଗାଯୋଗ କରିବାରୁ ଘଟଣାର ତଦନ୍ତ ପରେ ପଦକ୍ଷେପ ନିଆଯିବ। ସଦର ରେଞ୍ଜର ଅରବିନ୍ଦ ନାୟକଙ୍କ ସହ ଯୋଗଯୋଗ କରିବାରୁ ଜବତ୍ ଗାଡିର କାଗଜପତ୍ର ଯାଂଚ ପରେ ଛାଡି ଦିଆଯାଇଥିବା ପ୍ରକାଶ କରିଛନ୍ତି। ନେଲୁଙ୍ଗ ସଂରକ୍ଷିତ ଜଙ୍ଗଲ ଏବଂ ମଇଦାନକେଲ,ରଘୁନାଥପୁର ଏବଂ ନରଣପୁର ସଂରକ୍ଷିତ ଜଙ୍ଗଲରୁ ଲଘୁ ଖଣିଜ ସମ୍ପଦ ଅବାଧରେ ଚୋରୀ ହେଉଥିଲେ ହେଁ ବନ ବିଭାଗ ଜାଣି ଚୁପ ରହୁଥିବା ଅଭିଯୋଗ ହୋଇଛି। ସଂରକ୍ଷିତ ଜଙ୍ଗଲ ଭିତରେ ରାସ୍ତା କରି ମାଫିଆମାନେ ଜଙ୍ଗଲ ଧ୍ୱଂସ କରି ବାଲି,ପଥର,ମୋରମ ଚୋରୀ କରୁଥିବାବେଳେ ବନ ବିଭାଗ ନୀରବଦ୍ରଷ୍ଟା ରହୁଛି। ଏପରିକି ଉପରସ୍ଥ ଅଧିକାରୀ ନିୟମିତ ସଂରକ୍ଷିତ ଜଙ୍ଗଲ ପରିଦର୍ଶନରେ ଯାଉନଥିବାରୁ ଏହାର ସୁଯୋଗରେ ତଳତଳିଆ କର୍ମଚାରୀ ମାଫିଆଙ୍କ ସଲାସୁତୁରାରେ ଲଘୁ ଖଣିଜ ସମ୍ପଦ ଲୁଟ କାର୍ଯ୍ୟକୁ ପ୍ରୋତ୍ସାହନ କରୁଛନ୍ତି।

# ମଧୁଶାସନ ଗ୍ରାମର ଶ୍ରୀଦଧିବାବନଜୀଉଙ୍କ ସ୍ଥାବର,ଅସ୍ଥାବର ସମ୍ପତ୍ତି ହଡପ ଓ ଅର୍ଥ ଆତ୍ମସାତ ଅଭିଯୋଗ

କେନ୍ଦ୍ରାପଡା, (ପିଏନ)- ଜିଲ୍ଲାର ପାଟକୁରା ଥାନା ଅନ୍ତର୍ଗତ ମଧୁଶାସନ ଗ୍ରାମର ଅଧିଷ୍ଠାତା ଶ୍ରୀ ଦଧିବାବନଜୀଉଙ୍କ ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ହଡପ କରାଯିବା ସହ ଅର୍ଥ ଆତ୍ମସାତ କରାଯାଇଥିବା ମଧୁଶାସନ ଗ୍ରାମପଂଚାୟତର ଅଧିବାସୀମାନେ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି । ଅଭିଯୋଗରୁ ପ୍ରକାଶ ଯେ ମଧୁଶାସନ ଗ୍ରାମର ଦୁର୍ଗା ପ୍ରସାଦ ଦାସ ନାମକ ଜନୈକ ବ୍ୟକ୍ତି ଚଂଚକତା କରି ଦେବୋତ୍ତର ବିଭାଗର କେତେକ ଅସାଧୁ କର୍ମଚାରୀଙ୍କୁ ହାତକରି ମଧୁଶାସନ ଗ୍ରାମର ଆରାଧ୍ୟ ଦେବତା ଶ୍ରୀ ଦଧିବାବନଜୀଉଙ୍କ ମନ୍ଦିର ପରିଚାଳନା ପାଇଁ ଏକ ଟ୍ରଷ୍ଟବୋର୍ଡ ଗଠନ କରି ନିଜେ ସେହି ବୋର୍ଡର ସଭାପତି ଭାବେ ପ୍ରାୟ ବର୍ଷକରୁ ଉର୍ଦ୍ଧ୍ୱ ହେବ ରହିଛନ୍ତି । ସେ ଶ୍ରୀଜୀଉଙ୍କ ସ୍ଥାବର ଓ ଅସ୍ଥାବର ସମ୍ପତ୍ତିକୁ ନିଜେ ଓ ନିଜର କିଛି ଅନ୍ଧ ସମର୍ଥକଙ୍କ ସହାୟତାରେ ହଡପ କରିବା ସହିତ ଶ୍ରୀଜୀଉଙ୍କ ଅର୍ଥ ଆତ୍ମସାତ କରୁଥିବା ଅଭିଯୋଗ ହୋଇଛି । ଶ୍ରୀଜୀଉଙ୍କ ପାଇଁ ବିଭିନ୍ନ ସମୟରେ ଦାତାମାନେ ଦାନ କରୁଥିବା ଅର୍ଥକୁ ମଧ୍ୟ ଆତ୍ମସାତ କରାଯାଉଥିବା ଅଭିଯୋଗ ହୋଇଛି । ଏପରିକି ଶ୍ରୀଜୀଉଙ୍କ ନାମରେ ଥିବା ସମ୍ପତି ମଧୁଶାସନ ମୌଜାର ଖାତା ନମ୍ବର - ୪୨୨,ପ୍ଲଟ ନମ୍ବର ୩୫୮୩ ଉପରେ ଥିବା ମୂଲ୍ୟବାନ ଶାଗୁଆନ ଗଛ ୩ଟିକୁ ରାତାରାତି କାଟି ବିକ୍ରୀ କରିବା ସହ ଖାତା ନମ୍ବର ୧୨୯୯,ପ୍ଲଟ ନମ୍ବର ୫୩୧୫ ଓ ୫୩୧୬/୫୫୯୨ ଉପରୁ ବହୁ ଦିନର ମୂଲ୍ୟବାନ ୧୦ଟି ତାଳଗଛକୁ କାଟି ବିକ୍ରୀ କରିଦେଇଥିବା ଅଭିଯୋଗ ହୋଇଛି । ସେହି ଗଛ ସବୁର ମୂଲ୍ୟ ଆନୁମାନିକ ପ୍ରାୟ ଏକଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ହେବ । ଅଭିଯୋଗକାରୀମାନେ ଏସମ୍ପର୍କରେ ଟ୍ରଷ୍ଟର ସଭାପତି ଶ୍ରୀ ଦାସଙ୍କୁ ପଚାରିବାରେ ଶ୍ରୀ ଦାସ ସେମାନଙ୍କୁ ଗୁଣ୍ଡା ଲଗାଇ ଧମକଚମକ ଦେବା ସହ ଜୀବନରୁ ମାରିଦେବାକୁ ଧମକପୂର୍ଣ୍ଣ ବାଣୀ ଶୁଣାଇଥିବା ଅଭିଯୋଗ ହୋଇଛି । ଏଥିସହିତ କେତେକ ଉଚ୍ଚପଦସ୍ଥ ସରକାରୀ ଅଧିକାରୀଙ୍କୁ ମିଛ କହି ଅଭିଯୋଗକାରୀମାନଙ୍କ ନାମରେ ଥାନାରେ ମିଥ୍ୟା ମାମଲା କରିବା ସହ ବିଭିନ୍ନ ମିଥ୍ୟା କେଶକରି ନାନା ପ୍ରକାର ଅସୁବିଧାରେ ପକାଉଥିବା ମଧ୍ୟ ଅଭିଯୋଗ ହୋଇଛି । ସେହି ଟ୍ରଷ୍ଟବୋର୍ଡରେ ଗରଦପୁର ତହସିଲଦାର ଓ ପାଟକୁରା ଥାନାର ଭାରପ୍ରାପ୍ତ ଇନିସପେକ୍ଟରଙ୍କୁ ସଦସ୍ୟ ଭାବରେ ରଖାଯାଇଥିବା ବେଳେ ଅଭିଯୋଗକାରୀଙ୍କ ପରିବାରର ୨/୩ଜଣଙ୍କ ନାମରେ ମିଥ୍ୟା ମାମଲା କରାଯାଉଥିବା ସହ ସେହି ପରିବାରର ମହିଳାମାନଙ୍କ ପ୍ରତି ଅସଦାଚରଣ କରିବାକୁ ମଧ୍ୟ ଟ୍ରଷ୍ଟର ସଭାପତି ପଛାଉନଥିବା ଅଭିଯୋଗ ହୋଇଛି । ସଂପୃକ୍ତ ସଭାପତି ଭୁବନେଶ୍ୱରରେ ରହୁଥିବା ବେଳେ ଗ୍ରାମର ଅଧିକାଂଶ ଲୋକଙ୍କୁ ବିଭିନ୍ନ ମାଲିମକଦ୍ଦମାରେ ଛନ୍ଦି ହଇରାଣ କରିବା ସହ ଶ୍ରୀଜୀଉଙ୍କ ସମ୍ପତ୍ତି କୁ ହଡପ କରିବା ଓ ଅର୍ଥକୁ ଆତ୍ମସାତ କରୁଥିବା ଯୋଗୁଁ ଶ୍ରୀଜୀଉଙ୍କ ଦୈନନ୍ଦିନ ନୀତିକାନ୍ତିରେ ଘୋର ବାଧା ସୃଷ୍ଟି ହେଉଥିବା ଅଭିଯୋଗ ହୋଇଛି । ଏସମ୍ପର୍କରେ ବିଧିବଦ୍ଧ ତଦନ୍ତ କରାଯାଇ ଦୋଷୀ ବିରୋଧରେ ଦୃଢ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ଅସିତ କୁମାର ମହାନ୍ତି, ତାରକେଶ୍ୱର ତ୍ରିପାଠୀ,ପ୍ରମୋଦ କୁମାର ସାହୁ,ଚିତରଞ୍ଜନ ବାରିକ,ନିରଞ୍ଜନ ପଣ୍ଡା,ଭବାନିଶ ପଣ୍ଡା ପ୍ରମୁଖ ଅଭିଯୋଗକାରୀମାନେ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି ।

# ଖଣିରେ ସ୍ଥାନୀୟ ନିଯୁକ୍ତି ନେଇ ଶ୍ରମିକଙ୍କ ଧାରଣା





ଯୋଡା,(ପିଏନ)- କେନ୍ଦୁଝର ଜିଲ୍ଲା ଯୋଡା ଖଣିମଣ୍ଡଳ ଅନ୍ତର୍ଗତ ବଳଦା ଗ୍ରାମପଞ୍ଚାୟତର ସିଲ୍ଯୋଡା ସ୍ଥିତ କାସଭି ଇନ୍ଟରନ୍ୟାସନାଲ ପ୍ରାଇଭେଟ୍ ଲିମିଟେଡ ଖଣିରେ ବିଭିନ୍ନ ଦାବି କରି ଗ୍ରାମବାସୀ ମାନେ ମଙ୍ଗଳବାର ପୂର୍ବାହ୍ନ ରେ ଖଣି ଲିଜ ପରିସରରେ ଧାରଣା ଦେଇଥିବା ଜଣାପଡିଛି । ବିର୍ସାମୁଣ୍ଡା ଲେବର କନ୍ଟ୍ରାକ୍ଟ ଓ ଆଦିବାସୀ କଲ୍ୟାଣ ସମିତି ପକ୍ଷରୁ ଏହି ଧାରଣା ଦିଆଯାଇଥିବା ଖବର ମିଳିଛି । ପ୍ରଶାସନକୁ ଜଣାଇ କୋଭିଡ୍ ନିୟମକୁ ପାଳନ କରି ଖଣି ପ୍ରଭାବିତ ସିଲଯୋଡା, ଗୁରୁଡା, ତାଟପାଣି ପ୍ରଭୃତି ଗ୍ରାମର ଗ୍ରାମବାସୀ ମାନେ ବିଭିନ୍ନ ଦାବି କରି କାସଭି ଖଣି ପରିସରରେ ଧାରଣାରେ ବସିଛନ୍ତି । ପୂର୍ବରୁ ଏହି ଖଣିଟି ମାଙ୍ଗିଲାଲ ରୁଙ୍ଗଟାର ସିଲିଯୋଡା କାଳିମାଟି ଅଧୀନରେ ଥିଲା । ନିଲାମ ପ୍ରକ୍ରିୟାରେ ଅଧିକ ମୂଲ୍ୟ ଦେଇ କାସଭି ଇନଟରନ୍ୟାସନାଲ ପ୍ରାଇଭେଟ ଲିମିଟେଡ ଖଣି ହାତେଇବା ପରେ ପୂର୍ବରୁ ଖଣିରେ କାର୍ଯ୍ୟ କରୁଥିବା ଶ୍ରମିକ ମାନଙ୍କୁ ଓ ଅନ୍ୟାନ୍ୟ ଅଧିକାରୀ ମାନଙ୍କୁ ପୁନଃ ନିଯୁକ୍ତି ଦିଆଯାଇନଥିବାରୁ ଗ୍ରାମବାସୀ ମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି । ଯୋଗ୍ୟତା ଥାଇ ମଧ ସ୍ଥାନୀୟ ଲୋକଙ୍କୁ ସାମାନ୍ୟ ସୁରକ୍ଷା କର୍ମୀ ଚାକିରୀ ମଧ ଦିଆଯାଉନାହିଁ । ଏହି ଖଣିରେ ନିଯୁକ୍ତିକୁ କେନ୍ଦ୍ର କରି ଗତ ସେପ୍ଟେମ୍ବର ମାସ ୨୫ ତାରିଖରେ ଏକ ହିଂସାତ୍ମକ ଆକ୍ରମଣ ଘଟଣା ଘଟିଥିଲା । ଖଣିର ଖଣି ସପକ୍ଷ ବାଦୀ ମାନେ ଏହି ଆକ୍ରମଣ ଭିଆଇଥିବା ଗ୍ରାମବାସୀ ସୁଶାନ୍ତ ଖିଲାର, ସୁବିଦାର ଗାଗରାଇ, ଯୋସେଫ ବେଙ୍ଗରା, ବିକାଶ ମହାକୁଡ ପ୍ରମୁଖ ଅଭିଯୋଗ କରିଛନ୍ତି । ସ୍ଥାନୀୟ ମହିଳା ମିନା କୁମାରୀ ସିଂ, ମୁସକୁନି ସଏ, ସରସ୍ୱତୀ ପିଙ୍ଗୁଆ, ସୁମିତ୍ରା ଗଇପାଇ, ସଙ୍ଗିତା ପିଙ୍ଗୁଆ, ଚାମାନୁ ଲାକ୍ରା, ଡାଳିମ୍ବ ଗାଗରାଇ, ରିଙ୍ଗି ହେମ୍ବ୍ରମ ପ୍ରମୁଖ ଲୁହ ଓ କୋହଭରା କଣ୍ଠରେ କହିଛନ୍ତି ଯେ ଦୀର୍ଘ ୬ ରୁ ୭ ମାସ ହେଲାଣି ଖଣିରେ ନିଯୁକ୍ତି ନପାଇ ଭୋକ ଉପାସରେ ଦିନ କାଟୁଛନ୍ତି । ସ୍ଥାନୀୟ କାସଭି ଖଣି କମ୍ପାନୀ ଶ୍ରମିକ ମାନଙ୍କୁ ପୁନଃ ନିଯୁକ୍ତି ଦେଉନଥିବାରୁ ବେରୋଜଗାର ନିରାଶ ହୋଇ ଘରେ ରହିଛନ୍ତି । ଖଣିରେ କାର୍ଯ୍ୟ କରି ଜିବୀକା ନିର୍ବାହ କରୁଥିବାରୁ ବର୍ତ୍ତମାନ କାର୍ଯ୍ୟହରା ହୋଇ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଥିବା କହିଛନ୍ତି । ଗ୍ରାମର ନରେନ୍ଦ୍ର କୁମାର ପାତ୍ର ତାଙ୍କ ଅଭିଯୋଗରେ କହିଛନ୍ତି ଯେ, ସିଲଯୋଡା-କାଳିମାଟି ମାଙ୍ଗାନିଜ୍ ଆଇରନ୍ ମାଇନ୍ସ ଦୁଇଟି ଗ୍ରାମପଞ୍ଚାୟତ ନାମରେ ହୋଇଅଛି । ହେଲେ ଏହି ଦୁଇଟି ପଞ୍ଚାୟତ ବାସୀଙ୍କୁ କୌଣସି ସୁବିଧା ସୁଯୋଗ ମିଳିପାରୁନାହିଁ । ଆଦିବାସୀ କଲ୍ୟାଣ ସମିତିର ସଭାପତି ବିଦ୍ୟାସାଗର ରଣା, ସମ୍ପାଦକ ଭିମ ପିଙ୍ଗୁଆ କହିଛନ୍ତି ଯେ ଜିଲ୍ଲାପାଳ ଓ ଏସ୍‌ପିଙ୍କ ଠାରେ ଏ ସଂକ୍ରାନ୍ତରେ ଅଭିଯୋଗ କରାଯାଇଛି । ଜଙ୍ଗଲ ନେଲ, ଜମି ନେଲ, ପାଣି ନେଲ, ଆଦିବାସୀଙ୍କର ମୌଳିକ ସୁବିଧାରୁ କାସଭି ଖଣି କମ୍ପାନି ବଞ୍ଚିତ କଲ ଯଦି ଦମ୍ ନାହିଁ ତେବେ ସରକାରଙ୍କ ଠାରୁ ଖଣି ନେଲ କାହିଁକି ବୋଲି ଆଦିବାସୀ ନେତା ସେଲେଇ ତିରିଆ ପ୍ରକାଶ କରିଥିଲେ । ସେଠାରେ ଉପସ୍ଥିତ ଥିବା ଆଦିବାସୀ ଶ୍ରମିକ ନେତା ମାନେ କହିଥିଲେ ଯେ ଦାବି ପୂରଣ ନହେଲେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଧାରଣା ଜାରି ରହିବ ।

# ଓ.ଏସ୍.ସି.ଆଇ.ଟି. ପକ୍ଷରୁ କମ୍ପ୍ୟୁଟର ସଚେତନତା ଅଭିଯାନ

ମାହାଙ୍ଗା,(ପି.ଏନ): ମାହାଙ୍ଗା ବ୍ଲକ ହଳଦିଆ ପଂଚାୟତସ୍ଥିତ ଦୁର୍ଗା ଚରଣ ନାୟକ ମେମୋରିଆଲ ଉଚ୍ଚମାଧ୍ୟମିକ ବିଦ୍ୟାଳୟ ପରିସରରେ ଓ.କେ.ସି.ଏଲ୍. ଅଧିନରେ ଓ.ଏସ୍.ସି.ଆଇ.ଟି. ପକ୍ଷରୁ କମ୍ପ୍ୟୁଟର ସଚେତନତା ଅଭିଯାନ ଏ.ଏଲ୍.ସି.ର ମୁଖ୍ୟ ହେମନ୍ତ କୁମାର ରାଉତଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ମାହାଙ୍ଗା ପୁଷ୍ପଗିରି ମହାବିଦ୍ୟାଳୟର କମ୍ପ୍ୟୁଟର ବିଭାଗର ଦୀପକ କୁମାର ବେହେରା, ଏ.ଏଲ୍.ସି. ମାହାଙ୍ଗାର ମୁଖ୍ୟ ବୃନ୍ଦାବନ ବରାଳ, ଅମୀୟ କୁମାର ସେଠୀ, ଅଧାପକ ବିପଦ ଭଜନ ନାୟକ, ସଞ୍ଜୟ କୁମାର ଜେନା, ସତ୍ୟବ୍ରତ ରଥ, ଅଧାପିକା ଅମ୍ବିକାବାଳା ରାଉତ, ଜିତେନ୍ଦ୍ର କୁମାର ବେହେରା ପ୍ରମୁଖ ଯୋଗଦେଇ କମ୍ପ୍ୟୁଟରର ଆବଶ୍ୟକତା ସମ୍ପର୍କରେ ଆଲୋକପାତ କରିବା ସହ ବର୍ତ୍ତମାନ ବୈଷ୍ଣା ଯୁଗର ଆରମ୍ଭ ହୋଇଛି । ମୋବାଇଲ ବ୍ୟବହାର କାରୀଙ୍କସଂଖ୍ୟା ଦିନକୁଦିନ ବଢୁଥିଲା ବେଳେ କମ୍ପ୍ୟୁଟର ଶିକ୍ଷାର ଚାହିଦା ବଢିବାରେ ଲାଗିଛି । ଏତେସତ୍ତ୍ୱ ବି ୭୨ତମ ର୍ୟାଙ୍କରେ ଭାରତ ରହିଛି । କମ୍ପ୍ୟୁଟର ଶିକ୍ଷା ଛାତ୍ର ଛାତ୍ରୀମାନଙ୍କ ପାଇଁ ଅତ୍ୟନ୍ତ ଜରୁରୀ ବୋଲି ଅତିଥିମାନେ ମତ ଦେଇଥିଲେ । ଏହି ସଚେତନତା ଅଭିଯାନ କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଛାତ୍ର ଛାତ୍ରୀମାନେ ଅଂଶ ଗ୍ରହଣ କରିଥିଲେ । ଶେଷରେ ଅଧାପକ ବିଶ୍ୱନାଥ ସେଠୀ ଧନ୍ୟବାଦ ଅର୍ପଣ କରିଥିଲେ । ଓ.ଏସ୍.ସି.ଆଇ.ଟି. ପକ୍ଷରୁ ମାହାଙ୍ଗା ଅଂଚଳର ବିଭିନ୍ନ ସ୍ଥାନରେ କମ୍ପ୍ୟୁଟର ସଚେତନତା ଶିବିର ଅନୁଷ୍ଠିତ ହେବ ବୋଲି ଓ.ଏଲ.ସି. କଟକର ମୁଖ୍ୟ ସୂଚନା ଦେଇଥିଲେ ।

# ପାରାଦୀପ ବନ୍ଦର ପକ୍ଷରୁ ମିଳିତ ମେଗା ମକ୍ ଡ୍ରିଲ୍

ପାରାଦୀପ,(ପି.ଏନ): ପାରାଦୀପ ବନ୍ଦର ପ୍ରଶାସନ ପକ୍ଷରୁ ମଙ୍ଗଳବାର ଦିନ ମିଳିତ ମେଗା ମକ୍ ଡ୍ରିଲ୍ ଆୟୋଜିତ ହୋଇଯାଇଛି । ପାରାଦୀପ ବନ୍ଦର ସିଆଇଏସଏଫ୍ ପକ୍ଷରୁ ପାରାଦୀପ ମୁଖ୍ୟ ଅଗ୍ନି ନିର୍ବାପନ କେନ୍ଦ୍ରଠାରେ ଆୟୋଜିତ ମକ୍ ଡ୍ରିଲରେ ପାରାଦୀପ ବନ୍ଦର ସମେତ ଜିଲ୍ଲା ପ୍ରଶାସନ, ଏନଡିଆରଏଫ୍ ମୁଣ୍ଡୁଳିର ଅଧିକାରୀ ଓ କର୍ମଚାରୀମାନେ ସାମିଲ ହୋଇଥିଲେ । ଏହି ମକ୍ ଡ୍ରିଲ୍ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପାରାଦୀପ ବନ୍ଦର ଅଧକ୍ଷ ପି.ଏଲ୍.ହରନାଦ, ସମ୍ମାନୀତ ଅତିଥି ଭାବେ ଉପାଧକ୍ଷ ନିଲଭ୍ର ଦାସଗୁପ୍ତା ଏହି ସାଇଟ୍ ଲେଭଲ-୩ରେ ଯୋଗ ଦେଇଥିଲେ । ମେରାଇନ୍ ସାଇଟ୍ ଅଫିସ୍‌ରେ ଏକ ଭଙ୍ଗା ଗୃହ ମଧ୍ୟରୁ ବାତ୍ୟାରେ ଫସି ରହିଥିବା ବ୍ୟକ୍ତିଙ୍କୁ କିପରି ଉଦ୍ଧାର କରାଯାଇ ପାରିବ ତାହାର ନମୁନା ପ୍ରଦର୍ଶିତ ହୋଇଥିଲା । ଏହା ପରେ ରୋଷେଇ ଗ୍ୟାସ ଦୂର୍ଘଟଣାରୁ କିପରି ପ୍ରଶମନ କରାଯାଇ ପାରିବ ସେ ସମ୍ପର୍କରେ ମକ୍ ଡ୍ରିଲ୍ ପ୍ରଦର୍ଶନ କରାଯାଇଥିଲା । ପାରାଦୀପ ବନ୍ଦର ସମେତ ସହଯୋଗୀ ସଂସ୍ଥାର ଅଗ୍ନି ନିର୍ବାପନ କେନ୍ଦ୍ରର କର୍ମଚାରୀମାନେ ଏହି ମକ୍ ଡ୍ରିଲରେ ସାମିଲ ହୋଇଥିଲେ । ଏନଡିଆରଏଫ୍ ୩ୟ ବାଟାଲିୟାନ ମୁଣ୍ଡୁଳିର ଆସିଷ୍ଟାଣ୍ଟ କମାଣ୍ଡର ଗୌରବ ଜଗନାନୀ ମକ୍ ଡ୍ରିଲ୍ ସମ୍ପର୍କରେ ସବିଶେଷ ସୂଚନା ଦେଇଥିଲେ । ଶେଷରେ ବନ୍ଦର ଅଧକ୍ଷ ଶ୍ରୀ ହରନାଦ ସମସ୍ତ ସହଯୋଗୀ ସଂସ୍ଥାମାନଙ୍କୁ ଧନ୍ୟବାଦ ଜଣାଇଥିଲେ ।

# ଯୋଡା ପୌରାଞ୍ଚଳରେ ସେପ୍ଟେଜ ବିଶୋଧନାଗାରର ଭିତ୍ତିପ୍ରସ୍ତର ସ୍ଥାପନ




ଯୋଡା(ପିଏନ)- କେନ୍ଦୁଝର ଜିଲ୍ଲା ଯୋଡା ପୌରାଞ୍ଚଳର ୬ନଂ ୱାର୍ଡ ବାଚୁହାଟିଂ ଠାରେ ପୌରପାଳିକା ପକ୍ଷରୁ ୨୦କେଏଲଡି କ୍ଷମତା ବିଶିଷ୍ଟ ଏକ ସେପ୍ଟେଜ ଟ୍ରିଟମେଣ୍ଟ ପ୍ଲାଣ୍ଟର ଶୁଭ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି । ଏହି ଟ୍ରିଟମେଣ୍ଟ ପ୍ଲାଣ୍ଟ ଯୋଡା ସହରର ସମସ୍ତ ଘରର ସେପ୍ଟି ଟ୍ୟାଙ୍କରୁ ନିଷ୍କାସିତ ମଇଳାକୁ ବିଶୋଧନ କରାଯାଇ ସ୍ୱଚ୍ଛ ଓ ସୁନ୍ଦର ପରିବେଶ ସୃଷ୍ଟି କରିବା ନିମନ୍ତେ ପୌରପାଳିକା ପକ୍ଷରୁ ଏହା କରାଯାଇଛି । ରାଜ୍ୟ ସରକାରଙ୍କ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ,ରାଜ୍ୟ ଜଳଯୋଗାଣ ବିଭାଗ ଏବଂ ସ୍ୱରେଜ ବୋର୍ଡ ଆନୁକୂଲ୍ୟରେ ଓଡିଶା କନଷ୍ଟ୍ରକସନ କମ୍ପାନୀ (ଓସିସି)କୁ ଟେଣ୍ଡର ମାଧ୍ୟମରେ ୨ କୋଟି ୬୪ ଲକ୍ଷ ୧୭ ହଜାର ଟଙ୍କା ବ୍ୟୟ ଅଟକଳରେ ୧୧ ମାସ ମଧ୍ୟରେ ସମ୍ପୂର୍ଣ୍ଣ କରିବା ପାଇଁ କାର୍ଯ୍ୟାଦେଶ ଦିଆଯାଇଛି । ଏହି ଭିତ୍ତିପ୍ରସ୍ତର ସ୍ଥାପନ ଉତ୍ସବରେ ମୁଖ୍ୟଅତିଥି ଭାବେ ନଗର ଉନ୍ନୟନ ବିଭାଗର ପ୍ରକଳ୍ପ ନିର୍ଦ୍ଦେଶକ ଘାସିରାମ ମୁର୍ମୁ ଯୋଗଦେଇ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ । ଏହି ପ୍ରକଳ୍ପ ହେବା ଦ୍ୱାରା ପୌରାଞ୍ଚଳର ସମସ୍ତ ୱାର୍ଡରେ ସେପ୍ଟି ଟାଙ୍କିର ମଇଳା ବିଶୋଧନ ହେବା ସହିତ ମାନ୍ୟବର ସର୍ବୋଚ୍ଚ ଅଦାଲତ ଓ ଜାତୀୟ ସବୁଜ ଟ୍ରିବ୍ୟୁନାଲଙ୍କ ଆଦେଶ ପାଳନ ହୋଇପାରିବ ବୋଲି ଯୋଡା ପୌରପାଳିକା କାର୍ଯ୍ୟ ନିର୍ବାହୀ ଅଧିକାରୀ ସୂର୍ଯ୍ୟମଣୀ ପାଟ୍ଟଯୋଶୀ ପ୍ରକାଶ କରିଥିଲେ । ଏହି ଭିତ୍ତିପ୍ରସ୍ତର ସ୍ଥାପନ ଉତ୍ସବରେ ଯୋଡା ପୌରପାଳିକାର ସମସ୍ତ ଅଧିକାରୀ,କର୍ମଚାରୀ,ସ୍ୱଚ୍ଛସାଥୀ ପ୍ରମୁଖ ଉପସ୍ଥିତ ଥିଲେ ।

# ଭୂମିହୀନଙ୍କୁ ଜାଗା ପ୍ରମାଣ ପତ୍ର ପ୍ରଦାନ



ଯୋଡା,(ପିଏନ)- କେନ୍ଦୁଝର ଜିଲ୍ଲା ଯୋଡା ପୌରପାଳିକାରେ ଜାଗାମିଶନ ଯୋଜନାରେ ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ମଙ୍ଗଳବାର ପୂର୍ବାହ୍ନରେ ଓଡିଶା ସରକାରଙ୍କ ଜାଗା ମିଶନ୍ ଯୋଜନା ଶ୍ରେଣୀରେ ଅନ୍ତର୍ଭୁକ୍ତ ହିତାଧିକାରୀ ମାନଙ୍କୁ ଏହି ଅବସରରେ ଜମି ପ୍ରମାଣପତ୍ର ପ୍ରଦାନ କରାଯାଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଚମ୍ପୁଆ ବିଧାୟିକା ମୀନାକ୍ଷୀ ମହାନ୍ତ ଯୋଗ ଦେଇଥିବା ବେଳେ ପୌରପାଳିକା କାର୍ଯ୍ୟନିର୍ବାହୀ ଅଧିକାରୀ ସୂର୍ଯ୍ୟମଣୀ ପାଟ୍ଟଯୋଶୀ, ଯୋଡା ବିକାଶ ପରିଷଦର ସଭାପତି ନିରଞ୍ଜନ ବହିଦାର, ପୂର୍ବତନ ଉପ-ନଗରପାଳ ସୁରେନ୍ଦ୍ରନାଥ ଜେନା ଉକ୍ତ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ । ଯୋଡା ପୌରପାଳିକାର ୧୪ଟି ୱାର୍ଡରେ ସମୁଦାୟ ୬୨୧୬ ଜଣ ଯୋଗ୍ୟ ହିତାଧିକାରୀଙ୍କୁ ଏହି ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇଛି । ମଙ୍ଗଳବାର ଦିନ ତନ୍ମଧ୍ୟରୁ ବନେଇକଳା ଠାରେ ୧୭୫ ଜଣଙ୍କୁ ଭୂମିହୀନଙ୍କୁ ଜାଗା ପ୍ରମାଣପତ୍ର ପ୍ରଦାନ କରାଯାଇଥିବା ନିର୍ବାହୀ ଅଧିକାରୀ ଶ୍ରୀ ପାଟ୍ଟଯୋଶୀ ସୂଚନା ଦେଇଛନ୍ତି । ଏହି ଜମି ଗୁଡିକ ୩୨୩ ବର୍ଗ ଫୁଟରୁ ସର୍ବାଧିକ ୪୮୦ ବର୍ଗଫୁଟ ମଧ୍ୟରେ ଯୋଗାଇ ଦିଆଯିବ । ପରେ ଜାଗା ପ୍ରମାଣ ପତ୍ର ଦେବା ପରେ ଭୂମି ଅଧିକାର ପତ୍ର ଓ ୨ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସୁଧମୁକ୍ତ ଋଣ ଯୋଗାଇ ଦେବାର ସରକାରୀ ଯୋଜନା ରହିଥିବା ନିର୍ବାହୀ ଅଧିକାରୀ ପ୍ରକାଶ କରିଥିଲେ ।

# ଡମ୍ପର ମାଲିକଙ୍କ ଧାରଣା ପଞ୍ଚମ ଦିନରେ : ଉପଯୁକ୍ତ ସମାଧାନ ନକରିଲେ ଆଗାମୀ ଦିନରେ ବିକଳ୍ପ ପନ୍ଥାର ଚେତାବନୀ



ଯୋଡା,(ପିଏନ)-କେନ୍ଦୁଝର ଜିଲ୍ଲା ଯୋଡା ଖଣିମଣ୍ଡଳ ଅଧୀନ ହେଁସାବେଡା ସ୍ଥିତ କାସଭି ଇଣ୍ଟରନେସନାଲ ପ୍ରାଇଭେଟ ଲିମିଟେଡ ଖଣି କମ୍ପାନୀ ଟ୍ରକ ମାଲିକ ସଂଘର ଦାବିକୁ ଉପେକ୍ଷା କରି ନିଜର ଖଣିକାର୍ଯ୍ୟ ଜାରି ରଖିଛି । ଖଣି ଲିଜ୍ ପରିସରରେ କାର୍ଯ୍ୟହରା ଡମ୍ପର ମାଲିକ ମାନେ ଖଣିର ପରିବହନ କାର୍ଯ୍ୟରେ ଡମ୍ପର ନିୟୋଜିତ କରିବା ଦାବିରେ ଦୀର୍ଘ ୫ ଦିନ ଧରି ଧାରଣାରେ ବସିଥିଲେ ହେଁ ଖଣି କର୍ତ୍ତୃପକ୍ଷନଦେଖିଲା ଭଳି ଉପେକ୍ଷା କରିଚାଲିଛି । ନୂତନ ଲିଜ ପାଇଥିବା କାସଭି ଇଣ୍ଟରନେସନାଲ ପ୍ରାଇଭେଟ ଲିମିଟେଡ ନିଜର ଖଣିଜ ପରିବହନ ପାଇଁ ବାହାର ଅଞ୍ଚଳର ଭାରୀଯାନ ଆଣି ପରିବହନ କରୁଥିବା ବେଳେ ସ୍ଥାନୀୟ ସଂଘର ଡମ୍ପରକୁ ପରିବହନ କାର୍ଯ୍ୟ ଦେଉନାହିଁ । ଏନେଇ ସଂଘ ପକ୍ଷରୁ ଖଣି କର୍ତ୍ତୃପକ୍ଷଙ୍କୁ ବାରମ୍ବାର ଲିଖିତ ଭାବରେ ଦୃଷ୍ଟି ଆକର୍ଷଣ କରି କୌଣସି ସୁଫଳ ନପାଇବାରୁ ଗତ ୫ ତାରିଖରୁ ଧାରଣା ଆରମ୍ଭ କରିଥିଲେ । ଦୀର୍ଘ ୨୫ ବର୍ଷରୁ ଉର୍ଦ୍ଧ୍ୱ ହେବ ଏହି ସଂଘ ସ୍ଥାନୀୟ ଖଣି ପ୍ରଭାବିତ ଅଞ୍ଚଳର ଡମ୍ପର ମାଲିକ ମାନଙ୍କୁ ନେଇ କାର୍ଯ୍ୟ କରି ଆସୁଅଛି । ପୂର୍ବରୁ କାର୍ଯ୍ୟ କରୁଥିବା ଖଣି ଲିଜଧାରୀ ମାନେ ନିଜର ପରିବହନ କାର୍ଯ୍ୟ ପାଇଁ ସଂଘରୁ ଡମ୍ପର ନେଇ ପରିବହନ କରୁଥିଲେ । ଯାହାଫଳରେ ପରୋକ୍ଷ ଏବଂ ପ୍ରତ୍ୟେକ୍ଷ ଭାବରେ ହଜାର ହଜାର ଲୋକ ଜିବୀକା ନିର୍ବାହ କରି ପାରୁଥିଲେ । ଉକ୍ତ ଖଣିର ପୂର୍ବ ଲିଜଧାରୀ ପଟ୍ଟନାୟକ ମିନେରାଲସ ପ୍ରାଇଭେଟ ଲିମିଟେଡ ଖଣିଜ ପରିବହନରେ ସ୍ଥାନୀୟ ସଂଘର ଡମ୍ପରକୁ ପରିବହନରେ ନିୟୋଜିତ କରୁଥିଲେ । ମାତ୍ର ବର୍ତ୍ତମାନ ନୂତନଲିଜଧାରୀ କାସଭି ଖଣି ସଂଘକୁ ହେୟଜ୍ଞାନ କରି ବାହାର ଅଞ୍ଚଳର ଶତାଧିକ ଭାରୀଯାନ ଆଣି ପରିବହନ କାର୍ଯ୍ୟ କରୁଛି । ଯାହାଫଳରେ ଅଞ୍ଚଳର ଖଣି ପ୍ରଭାବିତ ଗାଡି ମାଲିକ ମାନେ ଜିବୀକା ହରାଇ ହତାଶ ହୋଇପଡିଛନ୍ତି ବୋଲି ମାଇନିଂ ଏରିଆ ଟ୍ରକ ଓନର ଆସୋସିଏସନର ସଭାପତି ଚତୁର୍ଭୁଜ ପଲେଇ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି । ବାରମ୍ବାର ଖଣି କର୍ତ୍ତୃପକ୍ଷଙ୍କୁ ଜଣାଇବା ସତ୍ତ୍ୱେ ମଧ କେହି କର୍ଣ୍ଣପାତ କରୁନାହାଁନ୍ତି । ଡମ୍ପର ମାଲିକ ମାନେ କାର୍ଯ୍ୟ ନପାଇ ବସି ରହିଛନ୍ତି । ସେମାନଙ୍କର ପରିବାର ପ୍ରତିପୋଷଣ କରିବା ମଧ କଷ୍ଟସାଧ ହେଲାଣି । କରୋନା ମହାମାରୀ ପରିସ୍ଥିତିରେ କୌଣସି କାର୍ଯ୍ୟ ନପାଇ ଡମ୍ପରରେ କାର୍ଯ୍ୟ କରୁଥିବା ଡ୍ରାଇଭର,ହେଲପର ଓ ସେମାନଙ୍କର ପରିବାର ବର୍ତ୍ତମାନ ଆର୍ଥିକ ସଂକଟରେ ଶିକାର ହେଲେଣି । ପରିବହନ କାର୍ଯ୍ୟ ହେତୁ ଅଞ୍ଚଳରେ ପ୍ରତ୍ୟେକ୍ଷ ଏବଂ ପରୋକ୍ଷରେ ନିର୍ଭରଶୀଳ ଥିବା ପ୍ରାୟ ଶତକଡା ୮୦ ପ୍ରତିଶତ ଲୋକ ପ୍ରଭାବିତ ହେଲେଣି । କୋଭିଡ-୧୯ ଗାଇଡ ଲାଇନ ରହିଥିବା ସତ୍ତ୍ୱେ ମଧ ଗାଡି ମାଲିକମାନେ ଏହି ନିୟମକୁ ପାଳନ କରି ଧାରଣାରେ ବସିଛନ୍ତି । ହେଲେ ଖଣି କର୍ତ୍ତୃପକ୍ଷ ୫ଦିନ ବିତିଯାଇଥିଲେ ହେଁ ଦାବି ପୂରଣ ନେଇ କୌଣସି ଆଲୋଚନା କରିବାକୁ ଆସିନଥିବା ବୋଲି ମାଟୋଆ ସମ୍ପାଦକ ସତ୍ୟପ୍ରିୟ ବାରିକ ତାଙ୍କ ପ୍ରତିକ୍ରିୟାରେ ପ୍ରକାଶ କରିଛନ୍ତି । ଯଦି ଖଣି କର୍ତ୍ତୃପକ୍ଷ ଏହାର ଉପଯୁକ୍ତ ସମାଧାନ ନକରନ୍ତି ତାହା ହେଲେ ଆଗାମୀ ଦିନରେ ବିକଳ୍ପପନ୍ଥା ଗ୍ରହଣ କରିବାକୁ ବଧ ହେବୁ ବୋଲି ପ୍ରେସ ବିବୃତ୍ତିରେ ଜଣାଇଛନ୍ତି । ତେଣେ କାସଭି ଖଣିର ଜନୈକ ବରିଷ୍ଠ ଅଧିକାରୀ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି ଯେ କାସଭି ଖଣି ନିକଟସ୍ଥ ଜୁରୁଡି ଠାରେ ଥିବା ଜୁରୁଡି ଟ୍ରକ ମାଲିକ ମାନଙ୍କ ସହ ସେମାନେ ଆଲୋଚନା କରି ହାଇୱା ଟ୍ରକ ମାଧ୍ୟମରେ ଖଣିଜ ପରିବହନ କାର୍ଯ୍ୟ କରୁଛନ୍ତି । ଏନେଇ ଯୋଡା ଠାରେ ଥିବା ମାଇନିଂ ଏରିଆ ଟ୍ରକ ଓନର ଆସୋସିଏସନ ସହ କୌଣସି ଆଲୋଚନା କରିବା ଆବଶ୍ୟକତା ନାହିଁ ବୋଲି ସେ କହିଥିଲେ ।




## ମନ୍ତ୍ରୀଙ୍କ ଜନ୍ମଦିନରେ ଶୁଭେଚ୍ଛା ଜଣାଇଲେ ପାରାଦୀପ କାର୍ଯ୍ୟରତ ସାମ୍ବାଦିକ ଟ୍ରଷ୍ଟ

ପାରାଦୀପ,(ପି.ଏନ):ରାଜ୍ୟ ଶିକ୍ଷ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଙ୍କ ଜନ୍ମଦିନ ଅବସରରେ ପାରାଦୀପ ନିର୍ବାଚନ ମଣ୍ଡଳୀ ସମେତ ବନ୍ଦର ସହରରେ ବିଭିନ୍ନ ଅନୁଷ୍ଠାନ, ସଂଗଠନ ଓ ବ୍ୟକ୍ତି ବିଶେଷଙ୍କ ପକ୍ଷରୁ ମନ୍ତ୍ରୀ ଙ୍କୁ ଜିରୋ ପଏଣ୍ଟ ସ୍ଥିତ ବିଜେପି କାର୍ଯ୍ୟାଳୟ ଠାରେ ସୋମବାର ଦିନ ଶୁଭେଚ୍ଛା ଜଣାଇଥିଲେ କ୍ଷ ଏହି ପରିପ୍ରେକ୍ଷୀରେ ପାରାଦୀପ କାର୍ଯ୍ୟରତ ସାମ୍ବାଦିକ ସହକାରୀ ସାମାଜିକ କଲ୍ୟାଣ ଟ୍ରଷ୍ଟ ଏବଂ ଏହାର ସହଯୋଗୀ ଅନୁଷ୍ଠାନ ଗ୍ରୀନ ପାରାଦୀପ ଟ୍ରଷ୍ଟ ପକ୍ଷରୁ କର୍ମକର୍ତ୍ତା ଶଶାଙ୍କ ଆଚାର୍ଯ୍ୟ, ରବିନ୍ଦ୍ର ଜେନା,ରାକେଶ ପଟ୍ଟନାୟକ, ସୁଧାଂଶୁ ନାୟକ ଙ୍କ ସମେତ ବହୁ ସଦସ୍ୟ ମନ୍ତ୍ରୀ



ଶ୍ରୀ ସ୍ୱାଇଁଙ୍କୁ ଫୁଲତୋଡ଼ା ଓ ଉତ୍ତରୀୟ ପ୍ରଦାନ ପୂର୍ବକ ଜନ୍ମ ଦିନର ଶୁଭେଚ୍ଛା ଜଣାଯାଇଥିଲେ କ୍ଷ ସେହିପରି ଶ୍ରମିକ ନେତା ପ୍ରକାଶ ତ୍ରିପାଠୀ, ବିଜେପି ପାରାଦୀପ ମଣ୍ଡଳ ସଭାପତି ସୁବ୍ରତ ପ୍ରଧାନ, ପାରାଦୀପ ପୋର୍ଟ ବଣିକ ସଙ୍ଘ ସଭାପତି କ୍ଷୀରୋଦ କୁମାର ସ୍ୱାଇଁ ଓ ଉପସଭାପତି ପ୍ରୀତିରଞ୍ଜନ ମହାପାତ୍ରଙ୍କ ସମେତ ବିଭିନ୍ନ ସଂଗଠନ ପକ୍ଷରୁ ମନ୍ତ୍ରୀ ଙ୍କୁ ଶୁଭେଚ୍ଛା ପ୍ରଦାନ କରାଯାଇଥିଲା । ଏହି ଶୁଭେଚ୍ଛା କାର୍ଯ୍ୟକ୍ରମ ଅବସରରେ ସେଠାର ପରିବେଶ ଲୋକାରଣ୍ୟ ହୋଇପଡ଼ିଥିଲା କ୍ଷ ସୂଚନାଥାଉକି ମନ୍ତ୍ରୀଙ୍କ ଲୋକସମ୍ପର୍କ ଓ ବ୍ୟକ୍ତିତ୍ୱ ପାଇଁ ସାରା ନିର୍ବାଚନ ମଣ୍ଡଳୀ ସମେତ ସାରା ରାଜ୍ୟରେ ତାଙ୍କର ଲୋକପ୍ରିୟତା ବୃଦ୍ଧି ପାଇବାରେ ଲାଗିଛି ।

## ବାଂଶପାଣି ରେଲସାଇଡିଂରେ ୨ ଗୋଷ୍ଠୀ ସଂଘର୍ଷ ଘଟଣାରେ ମାଷ୍ଟର ମାଇଣ୍ଡ ଫେରାର

## ଡାମେଜ କଣ୍ଟ୍ରୋଲ ପାଇଁ କଲେଜ ର ଭଣଜାକୁ ଗିରଫ କଲା ପୋଲିସ

ଯୋଡ଼ା(ପିଏନ)-କେନ୍ଦୁଝର ଜିଲ୍ଲା ଯୋଡା ଥାନା ଅନ୍ତର୍ଗତ ବାଂଶପାଣି ରେଳ ସାଇଡିଂ ଠାରେ ଗତ ସେପ୍ଟେମ୍ବର ମାସ ୧୨ ତାରିଖ ଦିନ ଲୁହା ପଥର ପରିବହନକୁ ନେଇ ଘଟିଯାଇଥିବା ଗୋଷ୍ଠୀ ସଂଘର୍ଷ ଘଟଣାରେ ଅଭିଯୁକ୍ତଙ୍କୁ ଆମିର ହୁସେନକୁ (୩୦) ଯୋଡା ଥାନା ପୋଲିସ ସୋମବାର ମଧ୍ୟ ରାତ୍ରୀରେ ଗିରଫ କରି କେଶ ନଂ ୧୩୦/୨୦୨୦ ଦଫା ୧୪୭/୧୪୮/୪୫୨/୩୨୩/୩୨୫/୪୩୬/୪୨୭/୩୦୭/୫୦୬/୧୪୭ ଆଇପିସି ଧାରରେ ମାମଲା ରଜୁ କରି ମଙ୍ଗଳବାର କୋର୍ଟ ଚାଲାଣ କରିଥିବା ଖବର ହସ୍ତଗତ ହୋଇଛି । ସ୍ଥାନୀୟ ଅଧୀବାସୀଙ୍କ ଠାରୁ ପ୍ରକାଶ ଯେ ଆମିର ହୁସେନର ମାମୁଁ ଏମଡି ଫିରୋଜ ଅହମ୍ମଦ ଓରଫ କଲେଜ ସିଧାସଳଖ ଭାବେ ଏହି ଘଟଣାରେ ଗଣ୍ଡଗୋଳ ଏବଂ ଆକ୍ରମଣ ଘଟଣାରେ ସମ୍ପୃକ୍ତ ଥିଲେ ମଧ୍ୟ ଯୋଡା ଥାନା ପୋଲିସ କଲେଜଙ୍କ ଉପରେ ଅହେତୁକ ଅନୁକମ୍ପା ଦେଖାଉଥିବା ମନେ ହୁଏ । ଏକଦା ତ କାଳୀନ ବଡବିଲ ଏସଡିପିଓ ରାଜେଶ ପଣ୍ଡିତଙ୍କର ଅତ୍ୟନ୍ତ ଅନୁମତ ଭାବେ ପ୍ରଚାର କରି ନିଜ ଇଛା ମୁତାବକ ବିଭିନ୍ନ ଖଣି ସଂସ୍ଥାରୁ କାର୍ଯ୍ୟ ନେବା ଏବଂ ସ୍ଥାନୀୟ ଅ ଳର ଜନସାଧାରଣ ନାମରେ ପୋଲିସକୁ ମିଥ୍ୟା ତଥ୍ୟ ଯୋଗାଇ ପୋଲିସର ଇନ୍‌ଫର୍ମ ସାଜି କଲେଜ କୋଟି କୋଟି ଟଙ୍କା ମୁନଫା କରିଥିବା ସାଧାରଣରେ ଚର୍ଚ୍ଚା ହୁଏ । ପିଲେଟ ଚୋରି ଠାରୁ ଆରମ୍ଭ କରି ବାଂଶପାଣି ୟୁନାଇଟେଡ୍ କ୍ରସର ଘଟଣାରେ ଗିରଫ କରାଇବା ସହିତ ମୁକେଶ ସିଂଙ୍ଘାନିଆ ଙ୍କୁ ଗିରଫ ଘଟଣାକୁ ଅନୁଧ୍ୟାନ କଲେ ଜଣାଯାଏ ଯେ କଲେଜ ନିଜ ସ୍ୱାର୍ଥ ସାଧାରଣ ନିମନ୍ତେ ପୋଲିସକୁ ହାତ ବାରିସ କରି ବ୍ୟବହାର କରୁଥିଲା । ପୋଲିସର ଧମକ ଚମକ ଦେଇ କାମ ହାତେଇବା ସହିତ ଯେ କେହିବି ତାଙ୍କ ସ୍ୱାର୍ଥରେ ବାଧା ସୃଷ୍ଟି କରୁଥିଲେ ତାଙ୍କୁ ଜେଣେ ତେଣେ ପ୍ରକାରଣେ ପୋଲିସ ସହାୟତା ନେଇ ଗିରଫ କରାଇ ଯୋଡା ଅ ଳରେ ଭୟର ବା ାବରଣ ସୃଷ୍ଟି କରୁଥିଲେ । ଘଟଣା ଦିନ ବାଂଶପାଣି ସାଇଡିଂରେ ବିବାଦର ସୂତ୍ରପାତ୍ର ଏବଂ ଆକ୍ରମଣର ମାଷ୍ଟର ମାଇଣ୍ଡ କଲେଜ ଥିବା ନେଇ ଫିରୋଜ ମହମ୍ମଦ ଓରଫ କଲେଜ ଥିବା ନେଇ ଯଥେଷ୍ଟ ପ୍ରମାଣ ମିଳୁଥିଲେ ମଧ୍ୟ ଯୋଡା ଥାନା ପୋଲିସ ଏଯାବତ କଲେଜକୁ କାହିଁକି ଗିରଫ କରିନାହିଁ ତାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହେଉଛି । କଲେଜ ର ଭଣଜା କୁ ଗିରଫ କରିଥିବା ବେଳେ ମାଷ୍ଟର ମାଇଣ୍ଡ କଲେଜ ଫେରାର ଥିବା ପୋଲିସର ସ୍ୱଚ୍ଛତା ଉପରେ ଆଙ୍ଗୁଳି ନିର୍ଦ୍ଦେଶ କରୁଛି । କଲେଜ ଭଳି ଜଣେ ସାଧାରଣ ଲୋକ ଏତେ ଶିଘ୍ର ପୋଲିସର ଆସ୍ଥାଭାଜନ କିପରି ହୋଇପାରିଲା ଏବଂ ଏଯାବତ ତାର କାର୍ଯ୍ୟକଳାପ ପୋଲିସ ରାଡାରକୁ ନଆସିବା ଘଟଣା ସମସ୍ତଙ୍କୁ ଚକିତ କରିଛି । କଲେଜ ଉପରେ ବାରମ୍ବାର ଆଙ୍ଗୁଳି ନିର୍ଦ୍ଦେଶ ହେଉଥିଲେ ମଧ୍ୟ ପୋଲିସ କେଉଁ ସ୍ୱାର୍ଥକୁ ଆଖି ଆଗରେ ରଖି ତାକୁ ଗିରଫ କରୁନଥିବା ବେଳେ ତାଙ୍କ ଭଣଜା ଆମରି ହୁସେନ ପୂର୍ବରୁ ବାଂଶପାଣି ରେଳ ସାଇଡିଂରେ ଆଇରନ ପିଲେଟ ଚୋରି ଘଟଣାରେ ଜେଲ ଯାଇଥିବା ଜଣାପଡିଛି । ଏହି ଘଟଣାରେ କେନ୍ଦୁଝର ଜିଲ୍ଲା ଏସପି ହସ୍ତକ୍ଷେପ କରିବାକୁ ସାଧାରଣରେ ଦାବି ହେଉଛି ।

## ଜନଶକ୍ତି ପାର୍ଟି ପକ୍ଷରୁ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ସ୍ମାରକ ପତ୍ର

କେନ୍ଦ୍ରାପଡା (ପିଏନ)- ଜନଶକ୍ତି ପାର୍ଟି ପକ୍ଷରୁ କରୋନା ମହାମାରୀ ସମୟରେ ରାଜ୍ୟରେ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ ହୋଇ ପଡିଥିବା ଅଭିଯୋଗ କରାଯାଇଛି । ଉଦାହରଣ ସ୍ୱରୂପ କେନ୍ଦ୍ରାପଡା ସରକାରୀ ଡାକ୍ତରଖାନାରେ ୬୨ ଟି ଡାକ୍ତର ପଦବୀ ମଧ୍ୟରୁ ମାତ୍ର ୨୩ ଜଣ ଡାକ୍ତର ଅଛନ୍ତି । ଅନେକ ସମୟରେ ଡାକ୍ତରମାନେ ବେସରକାରୀ ଭାବେ ଚିକିତ୍ସା କରୁଥିବାରୁ ଗରିବ ଅସହାୟ ଲୋକ ମାନଙ୍କୁ ପ୍ରକୃତ ଚିକିତ୍ସା କରାନଯାଇ କଟକ ବଡ ଡାକ୍ତରଖାନାକୁ ପଠାଇ ଦିଆଯାଉଛି । ଗରିବ ଲୋକଟି ଆମ୍ବୁଲାନସ ସୁବିଧାରୁ ମଧ୍ୟ ବଂଚିତ ହେଉଛି । ସେହିପରି କେନ୍ଦ୍ରାପଡା ସରକାରୀ ଡାକ୍ତରଖାନାରେ ପର୍ଯ୍ୟାପ୍ତ ସଂଖ୍ୟକ ବେଡ ନାହିଁ ଏବଂ ଯାହା କିଛି ଅଛି ତାହା ସମ୍ପୂର୍ଣ୍ଣ ଭାବେ ପୁରୁଣା ଓ ନଷ୍ଟ ହୋଇ ଯାଇଛି । ୨.୯୦ କି.ମି ବାଟ ଟ୍ରଲିରେ ବୁହା ହୋଇ ଆସିଥିବା ଅସହାୟ ମହିଳାଙ୍କ ମୃତ୍ୟୁର ପ୍ରକୃତ ତଦନ୍ତ କରାଗଲେ ଓଡିଶାରେ ସ୍ୱାସ୍ଥ୍ୟସେବାର ପ୍ରକୃତ ଚିତ୍ର ପଦାକୁ ଆସିପାରିବ । ସେହି ପରିବାରର ଜଣଙ୍କୁ ସରକାରୀ ଚାକିରୀ ପ୍ରଦାନ କରାଯାଉ । ଓଡିଶାରେ ବିଭିନ୍ନ ଖାଉଟି ସାମଗ୍ରୀ ଓ ପନିପରିବାର ଅହେତୁକ ଦର ବୃଦ୍ଧି ଜନ ସମାଜକୁ ବ୍ୟଥିତ କରୁଛି । ଏହାର ନିରାକରଣ ନିମନ୍ତେ ଉଚିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି ଜନଶକ୍ତି ପାର୍ଟି ପକ୍ଷରୁ ଦାବୀ କରାଯାଇଛି । ଜନଶକ୍ତି ପାର୍ଟିର ରାଜ୍ୟ ସଭାପତି ଆଡଭୋକେଟ ପ୍ରଦୀପ କୁମାର ଦାଶ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକ ପତ୍ର ସହକାରୀ ଜିଲ୍ଲାପାଳ ଶିବ ମଲ୍ଲିକଙ୍କୁ ପ୍ରଦାନ କରିଛନ୍ତି ।

## ଚୋରୀ ମାମଲାରେ ଜିଲ୍ଲା ପୋଲିସର ସ୍ୱତନ୍ତ୍ର ସ୍କ୍ୱାର୍ଡ ଜଣକୁ ଉଠାଇନେଇଛି

କେନ୍ଦ୍ରାପଡା, (ପିଏନ)- କେନ୍ଦ୍ରାପଡା ସହରର ସଟରତାଡି ଚୋରୀ କରିବା ଓ ମହିଳା ବିଜେଡି ସଭାନେତ୍ରୀଙ୍କ ଘରୁ ଝରକା ରେଲିଂ ତାଡି ଚୋରୀ କରିବା ଘଟଣାରେ ଜିଲ୍ଲା ପୋଲିସର ସ୍ୱତନ୍ତ୍ର ସ୍କ୍ୱାର୍ଡ ଜଣକୁ ସନ୍ଦେହରେ ଉଠାଇ ନେଇ କୌଣସି ଏକ ଅଜଣା ସ୍ଥାନରେ ରଖି ପଚରାଉଚୁରା କରୁଥିବା ଜଣାପଡିଛି । ପୋଲିସ ଉଠାଇ ନେଇଥିବା ସଂପୃକ୍ତ ବ୍ୟକ୍ତି ହେଉଛନ୍ତି ଟାଉନ ଥାନା ଅନ୍ତର୍ଗତ ରଣପଡା ଗ୍ରାମର ସେକ ବାବୁ ।

## ଓଡ଼ିଶା ସରକାରଙ୍କ ବିଶ୍ୱବିଦ୍ୟାଳୟ ସଂସ୍କାର ବିରୋଧରେ ପ୍ରଧାନମନ୍ତ୍ରୀଙ୍କୁ ସ୍ମାରକପତ୍ର ପ୍ରଦାନ

ବାରିପଦା, (ପିଏନ)- ଓଡ଼ିଶାରେ ବିଶ୍ୱବିଦ୍ୟାଳୟଗୁଡ଼ିକରେ ସଂସ୍କାର ଆଣିବା ନିମନ୍ତେ ଗତ ସେପ୍ଟେମ୍ବର ୪ରେ ପ୍ରକାଶିତ ଅଧ୍ୟାଦେଶ ସଂଖ୍ୟା ୮୨୧୯-ଆଇ-ଲେଗିସି- ୩୫/୨୦୨୦/ ଏଲକୁ ବିରୋଧ କରି ମୟୂରଭଞ୍ଜ ସିଟିଜେନ ଫୋରମ୍, ମୟୂରଭଞ୍ଜ ସାହିତ୍ୟ ପରିଷଦ ପ୍ରମୁଖ ସଙ୍ଗଠନ ସହ ଜିଲ୍ଲାର ବୁଦ୍ଧିଜୀବୀଗଣ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦୃଷ୍ଟି ଆକର୍ଷଣ ନିମନ୍ତେ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି । ପ୍ରକାଶିତ ଅଧ୍ୟାଦେଶ ଅନୁଯାୟୀ ରାଜ୍ୟରେ ଥିବା ସମସ୍ତ ବିଶ୍ୱବିଦ୍ୟାଳୟଗୁଡ଼ିକରେ ଶିକ୍ଷକ ନିଯୁକ୍ତି ଏଣିକି ବିଶ୍ୱବିଦ୍ୟାଳୟ ସ୍ତରରେ କୁଳପତିଙ୍କ ଅଧ୍ୟକ୍ଷତାରେ ନହୋଇ ଓଡ଼ିଶା ପବ୍ଲିକ ସର୍ଭିସ୍ କମିଶନଙ୍କ ଦ୍ୱାରା କରାଯିବ । ଯାହାକୁ ନେଇ ବିବାଦ ଦେଖାଦେଇଛି । ବିଶ୍ୱବିଦ୍ୟାଳୟ ଏକ ସ୍ୱୟଂଚାଳିତ ଶିକ୍ଷା ଅନୁଷ୍ଠାନ । ଉହା ଉଭୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଆର୍ଥିକ ସହଯୋଗରେ ପରିଚାଳିତ ହୋଇଥାଏ । ଏହାର ଆସିଷ୍ଟାଂଟ ପ୍ରଫେସର, ଆସୋସିଏଟ ପ୍ରଫେସର, ପ୍ରଫେସର ନିଯୁକ୍ତି ପ୍ରକ୍ରିୟା ଭାରତ ସରକାରଙ୍କ ସ୍ୱତନ୍ତ୍ର ଅନୁଷ୍ଠାନ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ(ୟୁଜିସି)ର ନିର୍ଦ୍ଦିଷ୍ଟ ନୀତି, ମାର୍ଗଦର୍ଶୀକା ଅନୁଯାୟୀ ହୋଇଥାଏ । ସେହିପରି ବିଶ୍ୱବିଦ୍ୟାଳୟଗୁଡ଼ିକରେ ଶିକ୍ଷକମାନଙ୍କର ଚାକିରୀରୁ ଅବସର, ପଦୋନ୍ନତି, ପରିତ୍ୟାଗ, ବୀଦେଶ ଗମନ, ଅନ୍ୟ ବିଶ୍ୱବିଦ୍ୟାଳୟରେ ଯୋଗଦାନ ଆଦି କାରଣରୁ ପ୍ରତ୍ୟେକ ବର୍ଷ ବହୁ ପଦବୀ ଖାଲିପଡ଼ିଥାଏ । ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ ନୀତି ଓ ମାର୍ଗଦର୍ଶୀକା ଅନୁଯାୟୀ ସମ୍ପୃକ୍ତ ବିଶ୍ୱବିଦ୍ୟାଳୟରେ କୁଳପତିଙ୍କ ଅଧ୍ୟକ୍ଷତାରେ ପରିଚାଳିତ ଶିକ୍ଷକ ନିଯୁକ୍ତି ଚୟନ କମିଟି ତତ୍କାଳ ଏହାର ନିଯୁକ୍ତି ପ୍ରକ୍ରିୟା ଶେଷ କରି ବିଶ୍ୱବିଦ୍ୟାଳୟର ଶୈକ୍ଷିକ ଓ ଗବେଷଣା ବାତାବରଣକୁ ରକ୍ଷା କରିପାରିଥାଏ । ବିଶ୍ୱବିଦ୍ୟାଳୟ ସମାଜର ସର୍ବୋଚ୍ଚ ସମ୍ମାନୀୟ ଜ୍ଞାନ ଓ ଗବେଷଣାର ପବିତ୍ର କ୍ଷେତ୍ର ହୋଇଥିବା ସମୟରେ କୁଳପତି ମଧ୍ୟ ସର୍ବୋଚ୍ଚ ସମ୍ମାନୀୟ ବ୍ୟକ୍ତି ଅଟନ୍ତି । ବିଶ୍ୱବିଦ୍ୟାଳୟମାନଙ୍କରେ ଶିକ୍ଷକ ନିଯୁକ୍ତି ପ୍ରକ୍ରିୟା ଓଡ଼ିଶା ପବ୍ଲିକ ସାର୍ଭିସ କମିଶନଙ୍କ ଦ୍ୱାରା ପରିଚାଳିତ ହେଲେ ଖୋଲା ଖୋଲି ଭାବରେ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ(ୟୁଜିସି)ର ଶିକ୍ଷକ ନିଯୁକ୍ତି ପ୍ରକ୍ରିୟାର ନୀତି ଓ ମାର୍ଗଦର୍ଶୀକାକୁ ଉଲ୍ଲଙ୍ଘନ କରାଇବ । ପୁଣି ଓପିଏସସି ଦ୍ୱାରା ନିଯୁକ୍ତି ପ୍ରକ୍ରିୟା ଶେଷ କରିବା ଅସମ୍ଭବ ଅଟେ । ଫଳରେ ଶିକ୍ଷକ ଅଭାବ ଜନିତ ପରିସ୍ଥିତି ହେତୁ ବିଶ୍ୱବିଦ୍ୟାଳୟର ଶୈକ୍ଷିକ ଓ ଗବେଷଣା କ୍ଷେତ୍ରରେ ବିଭିନ୍ନ ସମସ୍ୟା ସୃଷ୍ଟିହେବା ସାଙ୍ଗକୁ ଅଶାନ୍ତ ବାତାବରଣର କାରଣ ପାଲଟି ଯିବ । ପୁଣି କୁଳପତି ପରି ସର୍ବୋଚ୍ଚ ପଦବୀର ଅମର୍ଯ୍ୟାଦା ହୋଇ ତାହା ପ୍ରଶାସନ ଓ ଅମଲାତନ୍ତ୍ରର ଖେଳନା ହୋଇଯିବ । ଏଥି ସହିତ ବିଶ୍ୱବିଦ୍ୟାଳୟର ଚରମ ଅଧୋଗତି ହେବ ବୋଲି ଦର୍ଶାଇ ମୟୁରଭଞ୍ଜ ସିଟିଜେନ ଫୋରମ ସଭାପତି ପୂର୍ଣ୍ଣଚନ୍ଦ୍ର ବୁଗୁଡ଼େଇ, ଓଡ଼ିଆ ଜାଗରଣ ମଂଚର ସଭାପତି ଶରତ ଚନ୍ଦ୍ର ନାୟକ, ମୟୂରଭଞ୍ଜ ସାହିତ୍ୟ ପରିଷଦର ସଭାପତି ପଦ୍ମନାଭ ସାହୁ ପ୍ରମୁଖଙ୍କ ସମେତ ଜିଲ୍ଲାରୁ ବହୁ ମାନ୍ୟଗଣ୍ୟ ବ୍ୟକ୍ତି, ବୁଦ୍ଧିଜୀବୀ ସ୍ୱାକ୍ଷର ସମ୍ବଳିତ ଏକ ସ୍ମାରକପତ୍ର ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରିଥିବା ବେଳେ ଏହାର ନକଲ ଭାରତ ସରକାରଙ୍କ ଶିକ୍ଷାମନ୍ତ୍ରୀ, ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗର ଚେୟାରମ୍ୟାନ ଓ ସେକ୍ରେଟେରୀ, ଓଡ଼ିଶା ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ, ଓଡ଼ିଶା ସରକାରଙ୍କ ଉଚ୍ଚଶିକ୍ଷା ମନ୍ତ୍ରୀ, ମୟୂରଭଞ୍ଜ ଲୋକସଭା ସାଂସଦ ପ୍ରମୁଖଙ୍କୁ ପ୍ରଦାନ କରାଯାଇଛି ।

## ବିଜୁଳି ଓ ରାସ୍ତାରୁ ବଂଚିତ ଚନ୍ଦନପୁର ଜେନାସାହି ଗ୍ରାମବାସୀ

## ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଧାରଣା ଦେବାକୁ ଚେତାବନୀ

କେନ୍ଦ୍ରାପଡା, (ପିଏନ)- ସ୍ୱାଧିନତାର ୭୪ ବର୍ଷ ପରେ ମଧ୍ୟ ଗ୍ରାମବାସୀ ମାନେ ଗାଁକୁ ଯିବାକୁ ରାସ୍ତା ପାଉ ନଥିବା ବେଳେ ଗ୍ରାମ୍ୟ ବିଦ୍ୟୁତକରଣ ଯୋଜନା ସାତ ସପନ ହୋଇ ରହିଛି । ରାସ୍ତା ନଥିବାରୁ ବର୍ଷ ସାରା ପାଣି କାଦୁଅରେ ପଶି ବିଲ ଭିତରେ ନିଜ ଘରକୁ ଯାଉଥିବା ଭଳି ଏକ ବାସ୍ତବ ଚିତ୍ର କେନ୍ଦ୍ରାପଡା ବ୍ଲକ ଅଧିନ କଂସାର ପଂଚାୟତର ଚନ୍ଦନପୁର ଗ୍ରାମର ଜେନାସାହିରେ ଦେଖିବାକୁ ମିଳୁଛି । ଚନ୍ଦନପୁର ଗ୍ରାମର ପଡା ଗ୍ରାମରେ ରହୁଥିବା ପ୍ରାୟ ୨୦ଟି ପରିବାର ରାସ୍ତା ଓ ଆଲୋକ ପାଇଁ ଅଭିଶପ୍ତ ଜୀବନ ବିତାଉଥିବା ଗ୍ରାମବାସୀ ମାନେ ଅଭିଯୋଗ କରିଛନ୍ତି । କେନ୍ଦ୍ରାପଡା ଟାଉନରୁ ମାତ୍ର ୭ କିମି ଦୂରରେ ଅବସ୍ଥିତ ଏହି ଗ୍ରାମର ଅବସ୍ଥା ଆଖିରେ ନଦେଖିଲେ ବିଶ୍ୱାସ କରିହେବ ନାହିଁ । ନିର୍ବାଚନ ସମୟରେ ଭୋଟ୍ ପାଇଁ ପ୍ରଚାର କରିବାକୁ ଆସୁଥିବା ନେତା ମାନେ ରାସ୍ତା ଏବଂ ଆଲୁଅ ଯୋଗାଇ ଦେବା ପାଇଁ ପ୍ରତିଥର ଗ୍ରାମବାସୀଙ୍କୁ ପ୍ରତିଶୃତି ଦେଉଥିଲେ ମଧ୍ୟ ଏପର୍ଯ୍ୟନ୍ତ ତାହା ପାଣିର ଗାର ହୋଇ ରହିଛି । ସ୍ଥାନୀୟ ସରପଂଚ ପ୍ରଦ୍ୟୁମ୍ନ ଜେନା ଏହି ସମସ୍ୟାର ସମାଧାନ ପାଇଁ ବାରମ୍ବାର ଉଦ୍ୟମ କରିଥିଲେ ମଧ୍ୟ ବ୍ଲକ ପ୍ରଶାସନ, ଜିଲ୍ଲା ପ୍ରଶାସନ ଓ ବିଦ୍ୟୁତ୍ ବିଭାଗର ଅସହଯୋଗ କାରଣରୁ ସ୍ଥାନୀୟ ବାସିନ୍ଦା ଦହଗଞ୍ଜ ଭୋଗୁଥିବା ଜଣାପଡିଛି । ଏହି ଗ୍ରାମରେ ରହୁଥିବା ପ୍ରାୟ ୨୦ ଘର ଦଳିତ ସଂପ୍ରଦାୟର ପରିବାର ନିଜର ମୌଳିକ ସୁବିଧା ପାଇବା ପାଇଁ ଆପତି ଅଭିଯୋଗ କଲେ ମଧ୍ୟ କେହି ଶୁଣିବାକୁ ନାହାନ୍ତି । ନିର୍ବାଚିତ ପ୍ରତିନିଧି ମାନେ ଭୋଟ୍ ପାଇବା ପରେ ଦ୍ୱିତୀୟ ଥର ପାଇଁ ଗାଁ ଭିତରେ ପାଦ ପକାଉ ନଥିବା ଗ୍ରାମବାସୀ ମାନେ ଅଭିଯୋଗ କରିଛନ୍ତି । ଏହି ଗ୍ରାମବାସୀ ମାନଙ୍କୁ ଯାତାୟତ ପାଇଁ ରାସ୍ତା, ଆଲୋକ ଓ ପାନୀୟ ଜଳ ଯଥା ଶିଘ୍ର ପ୍ରଶାସନ ପକ୍ଷରୁ ଯୋଗାଇ ଦିଆ ନଗଲେ ଏହି ଦଳିତ ସଂପ୍ରଦାୟର ବ୍ୟକ୍ତିମାନେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଧାରଣାରେ ବସିବେ ବୋଲି ଚେତାବନୀ ଦେଇଛନ୍ତି ।




2024-2025

ADMISSION OPEN

Maharishi Public School, Baripada

STD-NURSERY TO VIII

ENROLL YOUR CHILD TODAY

Speciaö discount for new admission before 15.03.2024

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservition as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com
Find us on
Facebook.com/Mps, Baripada

୨ ୬ତମ ପ୍ରତିଷ୍ଠା ଦିବସ ସମାରୋହ

ଖେଳ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବର କାଗଜ

# ପର୍ଯ୍ୟବେକ୍ଷକ

Bhubaneswar Wednesday January 15 ଭୁବନେଶ୍ୱର ବୁଧବାର, ଜାନୁଆରୀ ୧୫,୨୦୨୫ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com 

## ରାସ୍ତା ପାଲଟିଛି ବେଙ୍ଗଳା ଖଳା : ପ୍ରଶାସନର ନିଦ୍ରା ଭାଙ୍ଗିବ କେବେ ?

ମାହାଙ୍ଗା,(ପି.ଏନ): ପ୍ରତିବର୍ଷ ପରି ଚଳିତ ବର୍ଷ ମାହାଙ୍ଗା ଅଂଚଳର ମୁଖ୍ୟ ରାସ୍ତା ଏପରିକି ଢଳେଇ ରାସ୍ତା ଉପରେ ଆଣ୍ଠୁଏ ବହଳର ବେଙ୍ଗଳାକୁଟା ଗଦା କରି ଚାଷୀମାନେ ଏକ ପ୍ରକାର ରାସ୍ତା ଅବରୋଧ କରୁଥିଲେ ମଧ୍ୟ ସ୍ଥାନୀୟ ପ୍ରଶାସନ ଏପରିକି ଜିଲ୍ଲା ପ୍ରଶାସନ କୌଣସି ପଦକ୍ଷେପ ଗ୍ରହଣ କରୁନାହାଁନ୍ତି ଏପରିକି ପ୍ରତିବର୍ଷ ବିଭିନ୍ନ ଗଣମାଧ୍ୟମରେ ଖବର ଲଗାତର ପ୍ରକାଶ ପାଉଥିଲେ ମଧ୍ୟ ପ୍ରଶାସନ ନୀରବ ଦ୍ରଷ୍ଟା ରାସ୍ତାରେ ଛିପ ପକାଇଲେ ପାଞ୍ଚ ଆଇନ ବଳରେ କେଶ୍ କରିବାର ବିଧାନ ପ୍ରଶାସନ ନିକଟରେ ଥିଲେ ମଧ୍ୟ କୁଟା ଗଦା କରାଯାଉଥିଲେ କାହିଁକି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ । ଆଣ୍ଠୁଏ ବହଳ କୁଟା ରାସ୍ତାରେ ଗଦା କରିବା ଫଳରେ ସାଇକେଲ ଆରୋହୀଠାରୁ ଆରମ୍ଭ କରି ଦୁଇ ଚକିଆ ଓ ଚାରି ଚକିଆ ଯାନର ଚାଳକମାନେ ସମସ୍ୟା ଭୋଗୁଛନ୍ତି ।

## ଆଡ଼ଭୋକେଟସ ଇଣ୍ଡିଆନ ପ୍ରିମିୟର ଲିଗ ଆରମ୍ଭ



କଟକ,(ପି.ଏନ): ପ୍ରଥମଥର ଆରମ୍ଭ ଖେଳାଯାଉଛି ଆଡ୍‌ଭୋକେଟସ ଇଣ୍ଡିଆନ ପ୍ରିମିୟର ଲିଗ ବା ଏଆଇପିଏଲ । ଏଥିରେ ଦେଶର ବିଭିନ୍ନ ସହରର ମୋଟ ଆଠଟି ଦଳ ଭାଗ ନେଇଛନ୍ତି । ଏଆଇପିଏଲ ସୋମବାର ମୁମ୍ବାଇରେ ଆରମ୍ଭ ହୋଇଛି । ଏହା ୧୭ ଯାଏଁ ଚାଲିବ । ଏହାକୁ ଉଦଘାଟନ କରିଛନ୍ତି ଭାରତୀୟ କ୍ରିକେଟ ଦଳର ପୂର୍ବତନ ଅଧିନାୟକ ମହମ୍ମଦ ଆଝାରୁଦ୍ଦିନ । ଏହା ପୂର୍ବରୁ ଏଆଇପିଏଲକୁ ନେଇ ଗୋଆରେ ନିଲାମ ହୋଇଥିଲା । ଯେଉଁଥିରେ ଗୋଆର ମୁଖ୍ୟମନ୍ତ୍ରୀ ଡ.ପ୍ରମୋଦ ସାୱାନ୍ତ, ବମ୍ବେ ହାଇକୋର୍ଟର ମୁଖ୍ୟ ବିଚାରପତି ମାର୍କଣ୍ଡ ସୁଭାଷ କାର୍ନିକ ଯୋଗ ଦେଇଥିଲେ । ଏହି ଟୁର୍ଣ୍ଣାମେଣ୍ଟରେ ଯେଉଁ ଦଳ ଜିତିବା, ଏହା ବିଶ୍ୱସ୍ତରୀୟ ଟୁର୍ଣ୍ଣମେଣ୍ଟ ପାଇଁ ଆମେରିକାର ସିକାଗୋ ଯିବ । ସୋମବାର ଅନୁଷ୍ଠିତ ପ୍ରଥମ ମ୍ୟାଚରେ ଓଡ଼ିଶା ହଣ୍ଟରସ ୬ ୱିକେଟରେ ଦିଲ୍ଲୀ ସୁପ୍ରିମୋ ଦଳକୁ ପରାସ୍ତ କରିଛି । ଏହି ମ୍ୟାଚରେ ଓଡ଼ିଶା ହଣ୍ଟରସ ଦଳର ଆଦିତ୍ୟ ଆଚାର୍ଯ୍ୟ ଶ୍ରେଷ୍ଠ ଖେଳାଳୀ ବିବେଚିତ ହୋଇଥିଲେ । ମଙ୍ଗଳବାର ଓଡ଼ିଶା ହଣ୍ଟରସ ଓ ଲକ୍ଷ୍ନୌ ନୱାବସ ମଧ୍ୟରେ ମୁକାବିଲା ହେବ । ଆଇନଜୀବୀଙ୍କୁ ନେଇ ଏଆଇପିଏଲରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଛି ଓଡ଼ିଶା ହଣ୍ଟରସ ଦଳ । ଓଡ଼ିଶା ଦଳ ଓଡ଼ିଶା ହଣ୍ଟରସ କିଭଳି ଭଲ ପ୍ରଦର୍ଶନ କରିଛନ୍ତି ସେ ନେଇ ସମସ୍ତ ଚେଷ୍ଟା ଜାରି ରଖିଛନ୍ତି ଓଡିଶା ହଣ୍ଟରସର ମାଲିକ ତଥା ଆଇନଜୀବୀ ମୋହନ କୁମାର ସାହୁ । ଏହି ଟୁର୍ଣ୍ଣମେଣ୍ଟ ପାଇଁ ଓଡ଼ିଶା ହଣ୍ଟରସର ପରିଚାଳକ ଓ ପ୍ରଶିକ୍ଷକ ଭାବେ ଆଇନଜୀବୀ ଓ ଆଇନସ୍ତମ୍ଭକାର ପୁଷ୍ପମିତ୍ର ମହାପାତ୍ର ଓ ତାପସ ପ୍ରହରାଜ ମୁମ୍ବାଇ ଯାତ୍ରା କରିଛନ୍ତି ।

## ରେଣ୍ଟାସ୍ଥିତ ମା' ଦୁର୍ଗା ପୀଠରେ ବିଶ୍ୱଶାନ୍ତି ମହାଯଜ୍ଞ ଉଦ୍‌ଯାପିତ

ମାହାଙ୍ଗା,(ପି.ଏନ): ମାହାଙ୍ଗା ବ୍ଲକର ଏକମାତ୍ର ଗ୍ରାମ୍ୟ ଜଙ୍ଗଲ ରେଣ୍ଟା ଜଗଙ୍ଗଲର ମନୋରମ ପ୍ରାକୃତିକ ପରିବେଶ ମଧ୍ୟରେ ଅବସ୍ଥିତ ଥିବା ପୁରାତନ ଶକ୍ତିସ୍ଥଳୀ ମା' ବନଦୁର୍ଗାଙ୍କ ପୀଠରେ ଚାରି ଦିନ ବ୍ୟାପୀ ଚର୍ତୁବାର୍ଷିକ ବିଶ୍ୱଶାନ୍ତି ମହାଯଜ୍ଞ ୧୪ ତାରିଖ ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଯାଇଛି । ପବିତ୍ର ମକର ସଂକ୍ରାନ୍ତୀ ତିଥିରେ ପୂର୍ଣ୍ଣାହୂତୀ ଦିବସରେ ସ୍ଥାନୀୟ ଅଂଚଳର ବହୁ ଶ୍ରଦ୍ଧାଳୁମାନଙ୍କର ଭିଡ ଲାଗିଥିଲା । ପ୍ରତ୍ୟେହ ମା' ବନଦୁର୍ଗା ଓ ମହାଦେବଙ୍କର ମାର୍ଜନା ହେବା ସହ ଯଜ୍ଞ କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା । ପୀଠରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଶଣ କରାଯାଇଥିଲା । ପୂର୍ଣ୍ଣାହୂତୀ ଦିବସରେ ହରିହାଟର ଆୟୋଜନ କରାଯାଇଥିଲା । ଯଜ୍ଞ କାର୍ଯ୍ୟରେ କର୍ତ୍ତା ଭାବେ ସୁଧାଂଶୁ ସାମଲ,କର୍ତ୍ତ୍ରୀ ଭାବେ କାଦମ୍ବିନୀ ସାମଲ ଅଂଶ ଗ୍ରହଣ କରିଥିଲେ । ମୁଖ୍ୟ ପଣ୍ଡିତ ବିକାଶ ଚନ୍ଦ୍ର ରଥ ଓ ସହଯୋଗୀମାନଙ୍କ ଦ୍ୱାରା ଯଜ୍ଞକାର୍ଯ୍ୟ ସମାପନ କରାଯାଇଥିଲା । ମୁଖ୍ୟ ସଂଯୋଜକ ନୃସିଂହ ସାମଲଙ୍କ ସମେତ ଘନଶ୍ୟାମ ଜେନା, ବାବୁଲି ଦାସ, ଦିଗାମ୍ବର ସାହୁ, ବାମଦେବ ସାହୁ, କରୁଣାକର ରାଉତ, ତ୍ରିଲୋଚନ ରାଉତ, ଆଶିଷ ସାମଲ, ନିମାଇ ଜେନା, ବିଜୟ ମହାପାତ୍ର, ପୂଜକ ବାବୁ ଦାଶ, ପ୍ରମୋଦ ଜେନା, ଶ୍ୟାମସୁନ୍ଦର ବାରିକ ଓ ସ୍ଥାନୀୟ ଗ୍ରାମବାସୀମାନଙ୍କ ସହଯୋଗରେ ଏହି ଧାର୍ମିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ପ୍ରତ୍ୟେହ ରେଣ୍ଟା ଜଙ୍ଗଲ ଓ ମା'ଙ୍କ ପୀଠକୁ ବହୁ ଯାତ୍ରୀ ଆସୁଥିଲେ ମଧ୍ୟ ଏକ ସ୍ଥାୟୀ ରାସ୍ତା ଓ ବିଦ୍ୟୁତ ସଂଯୋଗ ନଥିବାରୁ ଯାତ୍ରୀମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି । ତୁରନ୍ତ ସ୍ଥାୟୀ ରାସ୍ତା ଓ ବିଦ୍ୟୁତ ସଂଯୋଗ ପାଇଁ ପ୍ରଶାସନ ପଦକ୍ଷେପ ଗ୍ରହଣ କରିବାକୁ ଦାବି ହୋଇଛି ।

## ବ୍ୟାଙ୍କ ଅଫ୍ ବରୋଦା ପକ୍ଷରୁ ଆଂଶିକ ଉଠାଣ ସୁବିଧା ସହ ଲିକ୍ୱିଡ ମିଆଦୀ ଜମାର ଶୁଭାରମ୍ଭ

ଭୁବନେଶ୍ୱର,(ପି.ଏନ): ରାଷ୍ଟ୍ରାୟତ ବ୍ୟାଙ୍କ୍ -ବ୍ୟାଙ୍କ୍ ଅଫ୍ ବରୋଦା ପକ୍ଷରୁ ଲିକ୍ୱିଡ ମିଆଦୀ ଜମା (ଲିକ୍ୱିଡ ଏଫଡି)ର ଶୁଭାରମ୍ଭ କରାଯାଇଛି ଯାହା ଗ୍ରାହକମାନଙ୍କୁ ନିଶ୍ଚିତ ରିଟର୍ଣ୍ଣ ସହ ଆଂଶିକ ନଗଦ ରାଶି ଉଠାଣର ବିକଳ୍ପ ପ୍ରତିଶ୍ରୁତି ପ୍ରଦାନ କରୁଛି । ସଂଚୟକାରୀଙ୍କ ଆବଶ୍ୟକତା ପୂରଣ କରିବା ଲାଗି ବ୍ୟାଙ୍କ ଅଫ ବରୋଦା ପକ୍ଷରୁ ପାରମ୍ପରିକ ମିଆଦୀ ଜମାର ବିକଳ୍ପ ସ୍ୱରୂପ ବିଓବି ଲିକ୍ୱିଡ ମିଆଦୀ ଜମାର ଶୁଭାରମ୍ଭ କରାଯାଇଛି । ବିଓବି ଲିକ୍ୱିଡ ଏଫଡିରେ ଉଭୟ ମିଆଦୀ ଜମା (ଏଫ୍‌ଡି) ଓ ସଂଚୟ ଖାତା ଜମାର ଲାଭ ରହିଛି । ଏଥିରେ ମିଆଦୀ ଜମା (ଏଫ୍‌ଡି) ଭଳି ଅଧିକ ରିଟର୍ଣ୍ଣ ମିଳିବ ଓ ସଂଚୟ ଖାତା ଭଳି ଯେକୌଣସି ସମୟରେ ନଗଦ ରାଶି ମଧ୍ୟ ମିଳିପାରିବ । ଏଥିରେ ଗ୍ରାହକମାନେ ମିଆଦୀ ଜମା (ଏଫ୍‌ଡି)କୁ ବନ୍ଦ ନ କରି ଆଂଶିକ ଉଠାଣ କରିପାରିବେ ଯାହା ଫଳରେ ସେମାନେ ନିଜ ଜରୁରୀକାଳୀନ ଆବଶ୍ୟକତାକୁ ପୂରଣ କରିପାରିବେ ଏବଂ ଖାତାର ଅବଶିଷ୍ଟ ରାଶି ଉପରେ ଭଲ ରିଟର୍ଣ୍ଣ ପାଇପାରିବେ । ଭାରତୀୟ ଆର୍ଥିକ ଦୃଶ୍ୟପଟ୍ଟରେ ଗ୍ରାହକଙ୍କ ଆଚରଣରେ ପରିବର୍ତନ ହୋଇଛି । ଗ୍ରାହକମାନେ ଏଭଳି ଜମା ଚାହୁଁଛନ୍ତି, ଯେଉଁଥିରେ ଉଭୟ ରିଟର୍ଣ୍ଣ ଓ ନଗଦ ରାଶି (ଲିକ୍ୱିଡ୍) ଯାହା ଜରୁରୀକାଳୀନ ଆବଶ୍ୟକତାକୁ ପୁରଣ କରିବା ପାଇଁ ଆଂଶିକ ଭାବେ ଉଠାଯାଇପାରିବ । କୌଣସି ଜରୁରୀକାଳୀନ ସମୟରେ ଖର୍ଚ୍ଚର ମୁକାବିଲା କରିବା ପାଇଁ ବିଓବି ଲିକ୍ୱିଡ ମିଆଦୀ ଜମାର ଆଂଶିକ ଉଠାଣ ସୁବିଧା ଜରିଆରେ ଖାତା ବନ୍ଦ ନ କରି ଆଂଶିକ ପାଣ୍ଠି ହାସଲ କରିହେବ । ଉଦାହରଣ ସ୍ୱରୂପ ଜଣେ ବ୍ୟକ୍ତି ୫ ଲକ୍ଷ ଟଙ୍କାର ବିଓବି ଲିକ୍ୱିଡ ଏଫ୍‌ଡି ଖୋଲି ସେଥିରୁ ୧ ଲକ୍ଷ ଟଙ୍କା ଉଠାଇ ନେବା ପରେ ଅବଶିଷ୍ଟ ୪ ଲକ୍ଷ ଟଙ୍କା ଉପରେ ଏଫ୍‌ଡି ରେଟ୍‌ରେ ସୁଧ ପାଇପାରିବେ ଏବଂ ଯଦି ଦରକାର ହେବ, ଗ୍ରାହକଙ୍କୁ କେବଳ ୧ ଲକ୍ଷ ଟଙ୍କାର ଉଠାଣ ଉପରେ ପ୍ରିପେମେଂଟ ଜରିମାନା ଦେବାକୁ ହେବ, ପୁରା ୫ ଲକ୍ଷ ଟଙ୍କା ଉପରେ ନୁହେଁ । ଗ୍ରାହକମାନେ ୫୦୦୦ ଟଙ୍କାରୁ ଏହି ଏଫ୍‌ଡି ଖାତା ଖୋଲିପାରିବେ ଏବଂ ୧୨ରୁ ୬୦ ମାସ ପର୍ଯ୍ୟନ୍ତର ଅବଧି ଚୟନ କରିପାରିବେ । ସେମାନେ ୧୦୦୦ ଟଙ୍କାର ଗୁଣିତକ ହିସାବରେ ଆଂଶିକ ଉଠାଣ କରିପାରିବେ । ଅତି କମ୍‌ରେ ଖାତା ଯଦି ୧୨ ମାସର ହୋଇଯାଇଥିବ ତେବେ ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଆଂଶିକ ଉଠାଣ ଉପରେ କୌଣସି ପ୍ରାକ୍ ପେମେଂଟ ଜରିମାନା ଲାଗୁ ହେବ ନାହିଁ । ବିଓବି ଲିକ୍ୱିଡ୍ ଏଫ୍‌ଡିର କୌଣସି ସର୍ବୋଚ୍ଚ ସୀମା ନାହିଁ । ଏହା ଉପରେ ବ୍ୟାଙ୍କ୍ ତରଫରୁ ବିଭିନ୍ନ ସମୟରେ ଧାର୍ଯ୍ୟ କରାଯାଉଥିବା ସୁଧ ପ୍ରଦାନ କରାଯିବ । ୧ କୋଟି ଟଙ୍କାରୁ କମ୍ ଜମା ଉପରେ ସୁଧର ୧ ପ୍ରତିଶତ ପ୍ରାକ୍ ପେମେଂଟ ଜରିମାନା ଆଦାୟ କରାଯିବ । ୧ କୋଟି ଟଙ୍କାରୁ ଅଧିକ ମୂଲ୍ୟର ଏଫ୍‌ଡି ଉପରେ ଜରିମାନା ଅବଧି ପ୍ରଯୁଜ୍ୟ ସୁଧ ହାରର ୧.୫ ପ୍ରତିଶତ ହେବ ।ବ୍ୟାଙ୍କ୍ ଅଫ୍ ବରୋଦାର ବିଓବି ଲିକ୍ୱିଡ ମିଆଦୀ ଜମା ସେହି ଗ୍ରାହକମାନଙ୍କ ଲାଗି ଉପଯୁକ୍ତ ଯେଉଁମାନେ ଦୀର୍ଘକାଳୀନ ଜମା ରଖି ଅଧିକ ରିଟର୍ଣ୍ଣ ପାଇବା ଏବଂ ସମାନ ସମୟରେ ସଂଚୟ ଓ ଦୀର୍ଘକାଳୀନ ଲକ୍ଷ୍ୟ ମଧ୍ୟରେ ସନ୍ତୁଳନ ସହ ଜରୁରୀକାଳୀନ ଖର୍ଚ୍ଚ ପାଇଁ ବିକଳ୍ପ ଚାହୁଛନ୍ତି । ଗ୍ରାହକମାନେ ବ୍ୟାଙ୍କ୍‌ର ଡିଜିଟାଲ ଚ୍ୟାନେଲ, ବିଓବି ୱାର୍ଲଡ୍ ଆପ ଓ ଇଂଟରନେଟ୍ ବ୍ୟାଙ୍କିଂ କିମ୍ବା ଶାଖା ପରିଦର୍ଶନ କରି ବିଓବି ଲିକ୍ୱିଡ୍ ମିଆଦୀ ଜମା କରିପାରିବେ ।

## ବ୍ୟାସକବି ଫକୀର ମୋହନ ସେନାପତିଙ୍କ ଜୟନ୍ତୀ ପାଳିତ



ଭୁବନେଶ୍ୱର,(ପି.ଏନ): ବ୍ୟାସକବି ଫକୀର ମୋହନ ସେନାପତିଙ୍କ ୧୮୧ତମ ଜୟନ୍ତୀ ଆଜି ଜଗତସିଂହପୁର ସାରସ୍ୱତ ପରିଷଦ ପକ୍ଷରୁ ସ୍ଥାନୀୟ ମୂଳିସିଂ ସ୍ଥିତ ସେଣ୍ଟ ଜାଭିୟର ପବ୍ଲିକ୍ ସ୍କୁଲ ପରିସରରେ ପାଳିତ ହୋଇଯାଇଛି । ପରିଷଦର ସଭାପତି ଅବସରପ୍ରାପ୍ତ ଅଧ୍ୟାପକ ହିମାଂଶୁ ଆଚାର୍ଯ୍ୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ବରିଷ୍ଠ ଶିକ୍ଷକ ପ୍ରଭାତ କୁମାର ଭୂୟା ଅତିଥିମାନଙ୍କର ପରିଚୟ ପ୍ରଦାନ ସହ ସ୍ୱାଗତ ଭାଷଣ ଦେଇଥିଲେ । ମୁଖ୍ୟଅତିଥି ଭାବେ ଅନୁଷ୍ଠାନର ଅଧ୍ୟକ୍ଷା ଜ୍ୟୋତିମୟୀ ମହାରଣା ଆଲୋଚନାରେ ଭାଗନେଇ ବ୍ୟାସକବି ଫକୀର ମୋହନ ଓଡିଆ ଭାଷା ସାହିତ୍ୟର ଯଥାର୍ଥ ସେନାପତି ଥିଲେ ବୋଲି କହିବା ସହିତ ଓଡିଆ ଭାଷା ସାହିତ୍ୟ ଦୁର୍ଦ୍ଦିନରେ ସେ ସେନାପତି ଭଳି ଆଗକୁ ବାହାରି ଭାଷା ସୁରକ୍ଷାରେ ଅଗ୍ରଣୀ ଭୂମିକା ନେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଅନୁଷ୍ଠାନର ନିର୍ଦ୍ଦେଶକ ବିକ୍ରମ ଜେନା, ଶିକ୍ଷୟିତ୍ରୀ ବିନତୀ ସାହୁ ଓ ମୋନାଲିସା ଭଞ୍ଜ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରି ଫକୀର ମୋହନଙ୍କ ରଚିତ ଉପନ୍ୟାସ ଛଅମାଣ ଆଠଗୁଣ୍ଠ, ମାମୁଁ, ଲଛମା, ପ୍ରାୟଶ୍ଚିତ ଓ ଗଳ୍ପ ରେବତୀ, ଡାକମୁନ୍‌ସୀ , ପେଟେଣ୍ଟ ମେଡିସିନ ଓ ଧୂଳିଆବାବା ସମ୍ପର୍କରେ ସବିଶେଷ ଆଲୋଚନା କରିଥିଲେ । ଏହି ଅବସରରେ ଆୟୋଜିତ ପ୍ରତିଯୋଗିତାରେ କୃତିତ୍ ହାସଲ କରିଥିବା ଛାତ୍ରଛାତ୍ରୀ ଆୟିଶା ପରବିନ୍, ପ୍ରତୀକ୍ଷା ଜେନା, ଫରହାଦ୍ ଶେଖ୍, ଆଦିଜା ଖାତୁମ୍, ସୌମ୍ୟରଞ୍ଜନ ମଲ୍ଲ, କୀର୍ତ୍ତିରଞ୍ଜନ ପ୍ରଧାନଙ୍କୁ ପରିଷଦ ପକ୍ଷରୁ ବରପୁତ୍ରଙ୍କ ଜୀବନୀ ପୁସ୍ତକ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ଶେଷରେ ଶିକ୍ଷୟିତ୍ରୀ ସୁଦେଷ୍ଣା ଦାସ ଧନ୍ୟବାଦ ଦେଇଥିଲେ ।

## ଅଦିନିଆ ବର୍ଷାରେ ଧାନ ଫସଲ ଉଜୁଡି ଗଲା :ଚାଷୀଙ୍କ ହାତ ଖାଲି

ପାରଳାଖେମୁଣ୍ଡି,(ପି.ଏନ): ଅଦିନିଆ ବର୍ଷା ଯୋଗୁଁ ଧାନ ଫସଲ ଉଜୁଡି ଗଲା ବାକି ଯାହା ରହିଲା ବର୍ଷାରେ ଭିଜି ଅଲୋଡା ହେଲା. ବର୍ଷ ସାରା ପରିଶ୍ରମ ଓ ଫସଲ ଆଦାୟ ପାଇଁ ସାର କୀଟନାଶକ କିଣିବାରେ ସୁଧ କରଜ ବାକି ରହିଗଲା । ବର୍ତ୍ତମାନ ହାତ ଖାଲି ପଡି ଥିବାରୁ ପୋଙ୍ଗଲ ଓ ମକର ସଂକ୍ରାନ୍ତି ପର୍ବ ପାଳନ ଗଜପତି ଜିଲ୍ଲାରେ ସମ୍ପୂର୍ଣ୍ଣ ଭାବେ ଫିକା ପଡିଲା ବୋଲି ଚାଷୀ ସଂଘର ସଭାପତି ସୂର୍ଯ୍ୟ ନାରାୟଣ ପଟ୍ଟନାୟକ ଅତ୍ୟନ୍ତ ଦୁଃଖର ସହ ପ୍ରକାଶ କରିଛନ୍ତି ।ଏଠାରେ ସୂଚନାଯୋଗ୍ୟଯେ, ଆଦି ମକରସଂକ୍ରାନ୍ତୀ ଓ ପୋଙ୍ଗଲ ଦକ୍ଷିଣ ଓଡ଼ିଶାର ଏକ ସ୍ୱତନ୍ତ୍ର ଓ ମୁଖ୍ୟ ପର୍ବ ଅଟେ । ପୋଙ୍ଗଲ ଉପଲକ୍ଷେ ଚଳଚଞ୍ଚଳ ହୋଇ ଉଠିଛି ଗଜପତି ଜିଲ୍ଲା ପୁରପଲ୍ଲୀ । ମକର ସଂକ୍ରାନ୍ତୀ ତଥା ପୋଙ୍ଗଲ ପର୍ବ ଭୋଗୀ ପାଳିତ ହୋଇଛି । ତେଲୁଗୁ ସମ୍ପ୍ରଦାୟର ପ୍ରଥା ଅନୁଯାଇ ମକର ସଂକ୍ରାନ୍ତି ବା ପୋଙ୍ଗଲ ଉତ୍ସବ ପାଳନର ପ୍ରଥମ ପର୍ବ ହେଉଛି ଭୋଗୀ ପାଳନ । ଏଥି ଅନୁଯାଇ ରବିବାର ମଧ୍ୟରାତ୍ରରେ ପାରଳା ସହରର ବିଭିନ୍ନ ସ୍ଥାନରେ ଶୁଖୁଲା କାଠ ଗଣ୍ଡିକୁ ଏକତ୍ର କରି ଅଗ୍ନି ଲଗାଇ ଭୋଗୀ ପର୍ବକୁ ପାଳନ କରାଯାଇଥିଲା । ସୋମବାର ଦିନ ଏଥି ଉପଲକ୍ଷେ ଘରେ ଘରେ ପୂଜା ପାଠ କରିବା ପରେ ଏଣ୍ଡୁରି ପିଠା କରି ଖାଇବା ସହ ପରସ୍ପରରେ ମିଠା ବଣ୍ଟନ କରିଥିଲେ । ପାରଳା ସହରରେ ତେଲୁଗୁ ଓ ଓଡ଼ିଆ ସମ୍ପ୍ରଦାୟର ଲୋକେ ଭାଇଚାରା ଅନୁଯାୟୀ ଉଭୟେ ଏହି ଭୋଗୀ ପର୍ବକୁ ପାଳନ କରିଛନ୍ତି । ଆଜି ମକରସଂକ୍ରାନ୍ତୀ ଯୋଗୁଁ ପାରଳା ଶ୍ରୀଜଗନ୍ନାଥ ମନ୍ଦିର ସମେତ ସମସ୍ତ ଶିବାଳୟ ଓ ଅନ୍ୟାନ୍ୟ ମନ୍ଦିରରେ ମକର ଚାଉଳ ଭୋଗ କରାଯିବା ସହ ଭକ୍ତଙ୍କ ଭିଡ଼ ବେଶ ଜମିଥିଲା ।ସେହିପରି ମକରସଂକ୍ରାନ୍ତୀ ତଥା ପୋଙ୍ଗଲ ପାଳନ ଅବସରରେ ବିଭିନ୍ନ ସାମଗ୍ରୀର ଆବଶ୍ୟକତା ଯୋଗୁଁ ପାରଳାଖେମୁଣ୍ଡି ମୁଖ୍ୟ ବଜାର ଚଳଚଞ୍ଚଳ ହୋଇ ଉଠିଛି । ଗଜପତି ଜିଲ୍ଲା ମୁହକୁମାର ପାରଳାଖେମୁଣ୍ଡି ମୁଖ୍ୟ ଜିଲ୍ଲା ସମେତ ପଡୋଶୀ ଆନ୍ଧ୍ରର ଶ୍ରୀକାକୁଲମ୍ ଜିଲ୍ଲାର ବଜାର ସମଗ୍ର ଶ୍ୱତାଧିକ ଗ୍ରାମାଞ୍ଚଳର ଲୋକଙ୍କ ପାଇଁ ପାରଳାଖେମୁଣ୍ଡି ସହର ହେଉଛି ମୁଖ୍ୟ ବଜାର । ପୋଙ୍ଗଲ ପର୍ବ ତେଲୁଗୁ ସମ୍ପ୍ରଦାୟର ଲୋକଙ୍କ ମୁଖ୍ୟ ପର୍ବ ହୋଇଥିବାରୁ ନୂତନ ବସ୍ତ୍ର, ମିଷ୍ଟାନ୍ନ, ପର୍ବ ପାଳନ ପାଇଁ ବିଭିନ୍ନ ରୋଷେଇ ସାମଗ୍ରୀ, ଫଳ ଓ ପନିପରିବା ଆଦି କ୍ରୟ କରିଥିଲେ । ଜିଲ୍ଲାରେ ଡିସେମ୍ବରରେ ଅଦିନିଆ ବର୍ଷା ଯୋଗୁଁ ଗଜପତିରେ ଚାଷୀର ଫସଲ ଉଜୁଡି ଯାଇଛି । ଚଳିତ ବର୍ଷ ଅଧିକ ଧାନ ଅମଳ ହୋଇଥିଲା, ହେଲେ ବର୍ଷା ଦାଉ ସାଜିଲା । ଜିଲ୍ଲାରେ ଧାନମଣ୍ଡି ଖୋଲାଗଲା ହେଲେ ଧାନ କ୍ରୟ କରାଯାଉନାହିଁ । ତେଣୁ ଚାଷୀଙ୍କ ପାଖରେ ଅର୍ଥ ନ ଥିବାରୁ ସେମାନଙ୍କ ପାଇଁ ମକର ସଂକ୍ରାନ୍ତି ଫିକା ପଡ଼ିଛି ।

ADMISSION OPEN

MAHARISHI PLAY SCHOOL

A Great Place to Grow @ mps

PLAY GROUP (2+)

NURSERY (3+)

LKG, UKG, STD-I TO V

25% reservation as per RTE Act (2009)



FIND THE DIFFERENCE

●Surveillance through CCTV Camera ●Small Classes ●Congenial Environment ●Intimate, Safe & Secured Place ●Experienced & loving teachers ●Individual attention to each child ●Spacious Playground ●AC Activity Room ●Transport Facilities

TUITION CLASSES for Std I to Std V

Timing: 5 PM to 6.30 PM

MAHARISHI PUBLIC SCHOOL

N4-F/24, IRC Village, Nayapalli, Bhubaneswar, Phone: 0674-2558884,2550786

E-mail: maharishipublic13@gmail.com

25% Seats reserved in Std. 1 under RTE Act

Printed & Puböished by Budhadev Mohapatra on behaöf of Hiranmayee Media Pvt. Ötd. & Printed at Mayur Offset Printers, Pöot No. D-1/1, Mancheswar Industriaö Estate, Bhubaneswar-751<0 & Puböished at N-4, F/24, IRC Viööage, Nayapaööi, Bhubaneswar, Dist-Khordha, Pin-751<5, Phone : (0674© 2550751/2555116, Fax No. : 2550504, E-maiö :editorpbkc@gmaiö.com, paryabekhyak@gmaiö.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ

EDITOR : Dr. Pabitra Mohan Samantaray